୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

Vol.27. No.70 Bhubaneswar Thursday April 24 2025 | ୨୭ତମ ବର୍ଷ ସଂଖ୍ୟା-୭୦ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୨୪, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ରାଜ୍ୟର ସମସ୍ତ ୧୪୭ ବିଧାନସଭା କ୍ଷେତ୍ରରେ ନିଜର ଚାପ୍ଟର ଖୋଲିବ ବ୍ୟବସାୟୀ ମହାସଂଘ



ଭୁବନେଶ୍ୱର,୨୩।୪(ପି.ଏନ): ରାଜ୍ୟର ସମସ୍ତ ୧୪୭ ବିଧାନସଭା କ୍ଷେତ୍ରରେ ନିଜର ଚାପ୍ଟର ଖୋଲିବ ବ୍ୟବସାୟୀ ମହାସଂଘ । ରାଜ୍ୟର ବ୍ୟବସାୟୀ, ଖାଉଟି ଓ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯୋଜନାବଦ୍ଧ ଭାବେ ଲଢେଇ କରାଯିବ । ଯେଉଁ ଯୋଜନାକୁ ସଫଳ କରିବା ପାଇଁ ଓଡ଼ିଶାରେ ଏକାଠି ହେବେ ସାରା ଦେଶର ବ୍ୟବସାୟୀ । ରାଜ୍ୟର ବ୍ୟବସାୟୀ, ଖାଉଟି ଓ ଚାଷୀଙ୍କ ସମସ୍ୟା ନେଇ ସମ୍ମିଳନୀରେ ଆଲୋଚନା ହେବ। ସାରା ଦେଶର ଶତାଧିକ ବ୍ୟବସାୟୀ ନେତାଙ୍କ ସହ ବହୁ ସାଂସଦ ଓ ବିଭିନ୍ନ ବର୍ଗର ଲୋକେ ଏଥିରେ ଯୋଗ ଦେବେ। ଆସନ୍ତା ୨୫ ଓ ୨୬ ରେ ଓଡ଼ିଶାରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀ ପାଇଁ ବ୍ୟବସାୟୀ ମହାସଂଘ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏ ନେଇ ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟର ବ୍ୟବସାୟୀଙ୍କ ସହ ଚାଷୀ, ଖାଉଟି ସମସ୍ତେ ସଶକ୍ତ ହେବେ ବୋଲି କୁହାଯାଇଛି । ଦୁଇଦିନିଆ ବ୍ୟବସାୟୀ ସମ୍ମିଳନୀରେ ରାଜ୍ୟର ଚାଷୀ କିଭଳି ଆତ୍ମନିର୍ଭରଶୀଳ ହେବେ, ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇବେ ଓ ଅଭାବୀ ବିକ୍ରି ହେବ ନାହିଁ ସେ ନେଇ ଫୋକସ ରହିବ। ଏପରିକି ସେଥିପାଇଁ ରାଜ୍ୟର ଅଧିକରୁ ଅଧିକ ଯୁବପୀଢ଼ିଙ୍କୁ ସ୍ୱାବଲମ୍ବୀ ଓ ଉଦ୍ୟୋଗୀ କରିବାକୁ ଯୋଜନା ହୋଇଛି ।ଏବେ କର୍ପୋରେଟ ହାଉସ ଯେଭଳି ଭାବେ ଏକଚାଟିଆ କାର୍ଯ୍ୟ କରୁଛନ୍ତି ଓ ବ୍ୟବସ୍ଥାକୁ ନଷ୍ଟ କରୁଛନ୍ତି ତା ଉପରେ ରୋକ ଲଗାଇବାକୁ ପ୍ରସ୍ତୁତ ହେବ ଯୋଜନା। ବ୍ୟବସାୟୀଙ୍କ ସୁବିଧା ଅସୁବିଧା ଆଦି ସମ୍ପର୍କରେ ସମ୍ମିଳନୀରେ ଦିଆଯିବ ଗୁରୁତ୍ୱ। ଓଡ଼ିଶାର ଉଦ୍ୟୋଗୀଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉ ବୋଲି ସରକାରଙ୍କ ନିକଟରେ ଦାବି କରାଯିବ। ଏହି ସମ୍ମିଳନୀ ଓଡିଶା ପାଇଁ ଏକ ନୂଆ ଜାଗୃତି ଆଣିବ ବୋଲି କୁହାଯାଇଛି । ଲୋକଙ୍କ ସ୍ୱର ସରକାରଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମକୁ ଜୋରଦାର କରାଯିବ । ସମ୍ମିଳନୀରେ ବ୍ୟବସାୟୀଙ୍କ ଉନ୍ନତି ସହ ସବୁ ବର୍ଗଙ୍କୁ ଗୁରୁତ୍ୱ ଦିଆଯିବ। ଖାଉଟିଙ୍କ ସୁବିଧାକୁ ଫୋକସ କରାଯିବ । ମଲଟି ଲାଇସେନ୍ସ, ବ୍ୟାଙ୍କର ଗୁପ୍ତ ଚାର୍ଜ ଆଦି ଉପରେ ଆଲୋଚନା ହେବ । ସରକାରଙ୍କ ନିୟମ କାନୁନ ବ୍ୟବସ୍ଥାକୁ ନଷ୍ଟ କରୁଛି । ତେଣୁ କେମିତି ଏସବୁକୁ ସରଳ କରାଯିବ ତାକୁ ଗୁରୁତ୍ୱ ଦିଆଯିବ। ଗୋଟିଏ ପ୍ଲାଟଫର୍ମରେ ସମସ୍ତେ ଏକାଠି ହେବେ ।ରାଜ୍ୟରେ ଦରଦାମ ବୃଦ୍ଧି ଓ ଖାଉଟି କୃଷକ ଓ ବ୍ୟବସାୟୀଙ୍କ ଅସନ୍ତୋଷ ବ୍ୟାପକ ହେଉଥିବା ବେଳେ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି । ଏପରିକି କୌଣସି ବର୍ଗ ସହ ଆଲୋଚନା ମଧ୍ୟ କରୁନାହାନ୍ତି । ତେଣୁ ଓଡ଼ିଶାର ବ୍ୟବସାୟୀ ଓ ଗ୍ରାହକଙ୍କ ସୁବିଧା ପାଇଁ ସାରା ଦେଶର ବ୍ୟବସାୟୀ ଏକାଠି ହେଲେ ସରକାରଙ୍କ ଉପରେ କେତେଦୂର ପ୍ରଭାବ ପକାଉଛି ତା ଉପରେ ରହିବ ନଜର।

## ଜେଲରେ ବଢୁଛି କ୍ୟାନ୍ସର, କିଡନୀ ଓ ଉଚ୍ଚ ରକ୍ତଚାପ, ସୁଧାର ଗୃହରେ ସୁଧୁରୁନି ରୋଗ ସମସ୍ୟା



ଭୁବନେଶ୍ୱର,୨୩।୪(ପି.ଏନ):୨୧ ଶହ ରୋଗୀଙ୍କ ପାଇଁ ଜଣେ ମାତ୍ର ମାନସିକ ରୋଗୀ ଚିକିତ୍ସକ । ଜେଲରେ ବଢୁଛି କ୍ୟାନ୍ସର, କିଡନୀ ଓ ଉଚ୍ଚ ରକ୍ତଚାପ । ସୁଧାର ଗୃହରେ ସୁଧୁରୁନି ରୋଗ ସମସ୍ୟା । ଏ ତଥ୍ୟ ଯେତିକି ଗମ୍ଭୀର, ସେତିକି ଚିନ୍ତାଜନକ ମଧ୍ୟ। ରାଜ୍ୟରେ ଥିବା ୮୭ ଜେଲରେ ରହିଛନ୍ତି ୨୦୫୪ ମାନସିକ ରୋଗୀ । କାଳକୋଠରୀ ଭିତରେ ରହି ଅବସାଦଗ୍ରସ୍ତ ହୋଇଯାଉଛନ୍ତି । କେତେବେଳେ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି ତ ଆଉ କେତେବେଳେ ପାଣି ଫୋଟକା ଭଳି ଚାଲିଯାଉଛି ଅନ୍ତେବାସୀଙ୍କ ଜୀବନ । ବିଗତ ୫ ବର୍ଷରେ ଜେଲ ଭିତରେ ୩୭୦ ରୁ ଅଧିକ ବନ୍ଦୀଙ୍କ ମୃତ୍ୟୁ ହୋଇଛି । କିନ୍ତୁ ପରିତାପର ବିଷୟ ହେଉଛି ପାଖାପାଖି ୨୧ ଶହ ରୋଗୀଙ୍କ ପାଇଁ ରହିଛନ୍ତି ଜଣେ ମାତ୍ର ମାନସିକ ରୋଗ ବିଶେଷଜ୍ଞ। ଯାହାକୁ ନେଇ ବିଭିନ୍ନ ମହଲରୁ ଉଦବେଗ ପ୍ରକାଶ ପାଇଛି । ଜେଲ ବିଭାଗ ତୁରନ୍ତ ଏଭଳି ଗୁରୁତର ସମସ୍ୟା ସମ୍ପର୍କରେ ଅବଗତ ହେବା ସହ, ଜିଲ୍ଲା ପିଛା ଜଣେ ମାନସିକ ରୋଗୀ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି।୨୫ଟି ଜେଲରେ ୭୦ ଜଣ ଏଚ୍ଆଇଭି ଆକ୍ରାନ୍ତ ବିଭାଗ ପାଇଁ ଚିନ୍ତାର ବିଷୟ ପାଲଟିଛି । ଏଭ୍ଵ ରୋଗୀଙ୍କ ନିୟମିତ ଚିକିତ୍ସା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି ଜେଲ ଡିଜି । ୨୪୯ ଜଣ ହୃଦଘାତ ରୋଗୀ , ୧୮୪୫ ଜଣ ଉଚ୍ଚ ରକ୍ତଚାପ ରୋଗୀ ସାରା ଓଡ଼ିଶାର ଜେଲରେ ରହିଛନ୍ତି । ସେପରି ୧୦ ଜଣ [illegible] କିଡନୀ ରୋଗୀ ଚିକିତ୍ସିତ ହେଉଛନ୍ତି। ସେପଟେ ମାନସିକ ରୋଗ ଚିକିତ୍ସକଙ୍କ ନିଯୁକ୍ତି ବିଳମ୍ବ ହେଉଥିବା ବେଳେ ଜେଲରେ ମନସ୍ତତ୍ୱବିତଙ୍କୁ ନିୟୋଜିତ କରାଯିବାର ଆବଶ୍ୟକତା ଥିବା କହିଛନ୍ତି ବିଶେଷଜ୍ଞ ।ଜେଲକୁ ସୁଧାରଗୃହ କରିବା ପାଇଁ ପୂର୍ବରୁ ଅନେକ ପ୍ରୟାସ ହୋଇଥିଲା । ବ୍ୟାୟାମ, ଯୋଗ ଶିକ୍ଷା, ପ୍ରଣାୟମ, ସିନେମା, କ୍ରୀଡା , ପ୍ରବଚନ, ଆଧ୍ୟାତ୍ମିକ ଶିକ୍ଷାର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଏବେ ଏସବୁ ହେଉନଥିବାରୁ ଅନ୍ତେବାସୀ ନର୍କ ଯନ୍ତ୍ରଣା ଭୋଗୁଛନ୍ତି ।

### ଅଣ ମୌସୁମୀ ସମୟରେ ଛତିଶଗଡ଼ ସରକାରଙ୍କ ଦାଦାଗିରି

ସମ୍ବଲପୁର,୨୩।୪(ପି.ଏନ): ଛତିଶଗଡ ଷଡଯନ୍ତ୍ରରେ ବଳି ପଡ଼ିଯିବ ଅଣ ମୌସୁମୀ ଚାଷ। ଶୁଖିଗଲାଣି ରାଜ୍ୟର ବୃହତ୍ତମ ମହାନଦୀ। ଗତବର୍ଷ ତୁଳନାରେ ଦୁଇଫୁଟ ଖସିଆସିଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର । ତେବେ ଗତବର୍ଷ ଏହି ସମୟରେ ହୀରାକୁଦ ଜଳସ୍ତର ୬୧୫ଫୁଟ୍ ଥିବାବେଳେ ଚଳିତ ବର୍ଷ ୬୧୧ ଫୁଟକୁ ଖସିଆସିଛି । ସେପଟେ ସାଙ୍ଘାତିକ ଭାବେ ଜଳ ଭଣ୍ଡାରକୁ ଖସୁଛି ଜଳ ପ୍ରବେଶର ମାତ୍ରା। କଲମା ବ୍ୟାରେଜର ସମସ୍ତ ଗେଟ୍ ଛତିଶଗଡ଼ ବନ୍ଦ କରିଦେଇଥିବାରୁ ମାତ୍ର ୧୫୦୦ ଘନଫୁଟ ଜଳ ଜଳ ଭଣ୍ଡାରକୁ ପ୍ରବେଶ କରୁଛି । ଗୋଟିଏ ପଟେ ଓଡିଶା ଦେଇ ପ୍ରବାହିତ ହେଉଥିବା ମହାନଦୀ ଶୁଖିଲା ପଡିଥିବା ବେଳେ ଛତିଶଗଡ଼ରେ ଲହଡ଼ି ମାରୁଛି ପାଣି। ଶକ୍ତି ଜିଲ୍ଲାର ଚନ୍ଦ୍ରପୁର ଅଞ୍ଚଳ କିଭଳି ପାଣି ଲହଡ଼ି ମାରୁଥିବା ଓଡିଶା ଚାଷୀ ହତାସା ଭିତରେ ରହିଛନ୍ତି ।ତେବେ ଗୋଟିଏ ପଟେ ମହାନଦୀର ସମସ୍ତ ଧାର ଶୁଖି ଯାଇଥିବାବେଳେ ଅନ୍ୟପଟେ ଛତିଶ ଗଡ଼ରେ ଲହଡ଼ି ମାରୁଛି ପାଣି। କିଭଳି ଭାବେ ଛତିଶଗଡ଼ ସରକାର ପାଣିକୁ ଅଟକାଇ ରଖିଛନ୍ତି ତା ଦୃଶ୍ୟ ଆପଣଙ୍କ ସାମ୍ନାରେ । ଏବେ ଦେଖିବା ଆମ ରାଜ୍ୟର ଜୀବନ ରେଖା ଚିରସ୍ରୋତା ମହାନଦୀ କିଭଳି ମରୁଭୂମି ପାଲଟି ଯାଇଛି ।ଏପ୍ରିଲ ମାସରୁ ଶୁଖିଗଲାଣି ଓଡ଼ିଶାର ଜୀବନ ରେଖା ମହାନଦୀ। ଏନେଇ ଚିନ୍ତାରେ ପଡିଲେଣି ମହାନଦୀକୁ ଭରସା କରୁଥିବା ଲୋକ। ଚାଷ କିଭଳି ହେବ, ପାଣି କେଉଁଠୁ ପାଇବେ ସେ ଚିନ୍ତାରେ ସମସ୍ତେ।

## ଯୁବକଙ୍କୁ ହତ୍ୟା ଘଟଣା: ୨ ଅଭିଯୁକ୍ତଙ୍କୁ ଗିରଫ କରି ସିନ ରିକ୍ରେସନ କଲା ପୋଲିସ






ଗଂଜାମ୨୩।୪(ପି.ଏନ): ହତ୍ୟାକାଣ୍ଡର ୨୪ ଘଣ୍ଟା ନପୁରୁଣୁ ୨ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ । ଗଂଜାମ ଜିଲ୍ଲା ପାଟପୁର ଥାନା ରାମଚନ୍ଦ୍ରପୁର କାଳିଆଘାଇ କେନାଲ ନିକଟରେ ଯୁବକଙ୍କୁ ହତ୍ୟା କରାଯାଇଥିଲା । ମୃତକ ଜଣଙ୍କ ହେଲେ ପାଟପୁର ଥାନା ସାମନ୍ତରାପୁର ଗାଁର ହୀନ ପାତ୍ର ।ସୂଚନା ଅନୁଯାୟୀ, ମୃତକ ହୀନ ତା' ଶାଳୀ ଉପରେ ଖରାପ ନଜର ରଖିଥିବା ଅଭିଯୋଗ ହୋଇଥିଲା । ଯୁବତୀଙ୍କ ପ୍ରେମିକ ଦୀପକ ଗଉଡ଼ ଏହାକୁ ବିରୋଧ କରୁଥିଲେ । ଏଭଳି କି ଯୁବତୀଙ୍କ ଠାରୁ ଦୂରେଇ ରହିବା ପାଇଁ ହୀନକୁ ଧମକ ଦେଉଥିଲେ । ଦୀପକ ଓ ତାହାର ସହଯୋଗୀ ହୀନ ପାତ୍ରକୁ ଡାକି କେନାଲ ନିକଟରେ ଆଲୋଚନା କରିଥିଲେ । ଆଲୋଚନା ବେଳେ ବଚସା ହେବାରୁ ଦୀପକ ଏବଂ ତାହାର ସହଯୋଗୀ ହିନକୁ ହତ୍ୟା କରିଥିଲେ । ହତ୍ୟା ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି ସିନ ରିକ୍ରେସନ କରିଛି ପୋଲିସ।

## ପହଲଗାମ୍ ଆତଙ୍କୀ ହାମ୍ଲା: ମୃତ ଓଡ଼ିଆ ବ୍ୟକ୍ତିଙ୍କ ପରିବାରକୁ ଭେଟିଲେ ସାଂସଦ ଅପରାଜିତା

ଭୁବନେଶ୍ୱର,୨୩।୪(ପି.ଏନ): ଜମ୍ମୁ-କାଶ୍ମୀରରେ ପହଲଗାମରେ ଭୟଙ୍କର ଆତଙ୍କୀ ଆକ୍ରମଣ ହୋଇଛି। ଦେଶକୁ ସ୍ତବ୍ଧ କରି ଦେଇଛି ଏହି ଆକ୍ରମଣ। ସେନା ପୋଷାକ ପିନ୍ଧି ଆଖିବୁଜା ଗୁଳିମାଡ କରିଥିଲେ ଆତଙ୍କବାଦୀ। ଏଥିରେ ୨୯ ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଛି। ଏହି ସଂଖ୍ୟା ଆହୁରି ବଢିବା ଆଶଙ୍କା କରାଯାଉଛି। ତେବେ ମୃତକଙ୍କ ମଧ୍ୟରେ ଅଛନ୍ତି ଜଣେ ଓଡିଆ ବ୍ୟକ୍ତି। ଏହି ଆକ୍ରମଣରେ ନିଧନ ଓଡ଼ିଶାର ପ୍ରଶାନ୍ତ କୁମାର ଶତପଥିଙ୍କ ପରିବାର ବର୍ଗଙ୍କ ସହ ସାକ୍ଷାତ କଲେ ସାଂସଦ ଅପରାଜିତା ଷଡଙ୍ଗୀ ।ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ ଅପରାଜିତା ଷଡଙ୍ଗୀ । ମୃତ ଓଡ଼ିଆ ପ୍ରଶାନ୍ତ ଶତପଥିଙ୍କ ପତ୍ନୀ ପ୍ରିୟଦର୍ଶିନୀଙ୍କୁ ଭେଟି ସମବେଦନା ଜଣାଇଲେ। ସାସଂଦ ଆତଙ୍କବାଦୀ ଆକ୍ରମଣରେ ଅକାଳ ନିଧନ ହୋଇଥିବା ନାଗରିକ ମାନଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କଲେ। ଏନେଇ ସେ ସୋସିଆଲ ମିଡିଆରେ ଭିଡିଓ ଜାରି କରି ସୂଚନା ଦେଇଛନ୍ତି। ଏଠାରେ ସେ ଓଡ଼ିଶାର ପ୍ରଶାନ୍ତ କୁମାର ଶତପଥିଙ୍କ ପରିବାର ବର୍ଗଙ୍କ ସହ ସାକ୍ଷାତ କରି ସମବେଦନା ଜ୍ଞାପନ କରିବା ସହ ଦୁଃଖରେ ସାମିଲ ହୋଇଛନ୍ତି। ମହାପ୍ରଭୁ ଜଗନ୍ନାଥ ଅମର ଆତ୍ମାକୁ ସଦଗତି କାମନା କହିଛନ୍ତି ।ସୂଚନା ଥାଉକି ପୁଲଓ୍ୱାମା ପରେ ଏହା ସବୁଠୁ ବଡ଼ ଧରଣର ହମଲା। ଏହି ଆକ୍ରମଣ ନେଇ ନିଜକୁ ଦାୟୀ କରିଛି ଏଲଇଟିର ଶାଖା ଟିଆର୍ଏଫ୍। ଆକ୍ରମଣ ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଅନ୍ୟପଟେ ଗୃହମନ୍ତ୍ରୀ ଅମିତ୍ ଶାହ ଗ୍ରାଉଣ୍ଡରେ ସ୍ଥିତି ସମୀକ୍ଷା କରିଛନ୍ତି । ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ପୀଡ଼ିତଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେପଟେ ଜମ୍ମୁ କାଶ୍ମୀର ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକ ୧୦ ଲକ୍ଷ ଲେଖାଏଁ ସହାୟତା ଘୋଷଣା ହୋଇଛି।

### ୧୫ ବର୍ଷର ରେକର୍ଡ ଭାଙ୍ଗିଲା ତାପମାତ୍ରା, ୨୬ ଯାଏଁ ନିସ୍ତାର ନାହିଁ ୨୭ରୁ କାଳବୈଶାଖୀ

ନୂଆଦିଲ୍ଲୀ,୨୩।୪(ପି.ଏନ): ସକାଳ ୬ଟା ହେଲେ ଆରମ୍ଭ ହୋଇଯାଉଛି ସୂର୍ଯ୍ୟକୋପ । ପ୍ରଚଣ୍ଡ ଖରା ଏବଂ ଗୁଳୁଗୁଳୁରେ ଅସ୍ତବ୍ୟସ୍ତ ହେଉଛନ୍ତି ଲୋକେ । ପଶ୍ଚିମ ଏବଂ କେନ୍ଦ୍ରୀୟ ଓଡ଼ିଶାରେ ନିଆଁ ବର୍ଷା ହେଉଛି ।

## ରାଜ୍ୟ କ୍ୟାବିନେଟରେ ୬ଟି ପ୍ରସ୍ତାବକୁ ମଞ୍ଜୁରୀ: ଏଣିକି ଅଙ୍ଗନଓ୍ୱାଡି ସୁପରଭାଇଜର ଚାକିରି ପାଇଁ ସ୍ନାତକ ଡିଗ୍ରୀ, ଅନୁସୂଚିତ ଜନଜାତି ବିଭାଗରେ ୨୪ଟି ନୂଆ ପଦବୀ

ଭୁବନେଶ୍ୱର,୨୩।୪(ପି.ଏନ): ଏଣିକି ଅଙ୍ଗନବାଡି ସୁପରଭାଇଜର ଚାକିରି ପାଇଁ ସ୍ନାତକ ଡିଗ୍ରୀ ଜରୁରୀ । ଏଥିପାଇଁ ରାଜ୍ୟ ସରକାର ପ୍ରଚଳିତ ଓଡିଶା ଶିଶୁ ଓ ମହିଳା କଲ୍ୟାଣ ସେବା ସଂଶୋଧନ ରୁଲସ-୧୯୮୯ ରେ ସଂଶୋଧନ କରିଛନ୍ତି । ରାଜ୍ୟ କ୍ୟାବିନେଟ୍ ଆଜି ଏହି ସଂଶୋଧନ ପ୍ରସ୍ତାବ ସମେତ ୫ଟି ବିଭାଗର ମୋଟ ୬ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅବକାରୀ ବିଭାଗର ୨ଟି ପ୍ରସ୍ତାବ ସମେତ ଜଳସମ୍ପଦ, ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ମହିଳା ଓ ଶିଶୁବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ସମନ୍ୱିତ ରୋଗୀ ପରିବହନ ଓ ସ୍ୱାସ୍ଥ୍ୟ ସହାୟତା ସେବା ଅନ୍ତର୍ଗତ ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା ଯୋଜନା(୧୦୮ ଆମ୍ବୁଲାନ୍ସ ସେବା) ପାଇଁ ୫ବର୍ଷ ମଧ୍ୟରେ ୨୩୯୮ କୋଟି ଟଙ୍କା ଖର୍ଚ୍ଚ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହାସହିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ୨୪ଟି ନୂଆ ପଦବୀ ସୃଷ୍ଟି, ଆନନ୍ଦପୁର ମେଗା ଜଳସେଚନ ପ୍ରକଳ୍ପ ପାଇଁ ୧୦୮କୋଟି ଟଙ୍କା ମଞ୍ଜୁରୀ, ଅଙ୍ଗନବାଡି ସୁପରଭାଇଜର ପଦବୀରେ ଚୟନଭିତ୍ତିକ ନିଯୁକ୍ତି ନିମନ୍ତେ ଜଣେ ଅଙ୍ଗନବାଡି କର୍ମୀଙ୍କୁ ସ୍ନାତକ ଡିଗ୍ରୀ ହାସଲ କରିବା ଜରୁରୀ ବୋଲି ଆଗତ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହାସହିତ ଅବକାରୀ କନେଷ୍ଟବଳଙ୍କ କ୍ୟାଡରକୁ ଡିଭିଜିନାଲ କ୍ୟାଡରରୁ ଜିଲ୍ଲା କ୍ୟାଡରରେ ପରିବର୍ତ୍ତନ ଏବଂ ଓଡିଶା ଅବକାରୀ ନିୟମରୁ ଏକ୍ସା ଆଓ୍ୱାର ଅପରେସନ୍ ଫି'କୁ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଓ ବ୍ରିଓ୍ୱେରୀ ୟୁନିଟଗୁଡିକ ନିମନ୍ତେ ଛାଡ କରିବା ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି ।

୧. ଓଡିଶା ଲୋୟାର ଏକ୍ସାଇଜ ସର୍ଭିସ (ସଂଶୋଧନ) ନିୟମ, ୨୦୨୫

ଅବକାରୀ କନେଷ୍ଟବଳ କ୍ୟାଡରକୁ ବିଭାଗୀୟ (ଡିଭିଜନାଲ) ସ୍ତରରୁ ଜିଲ୍ଲା (ଡିଷ୍ଟ୍ରିକ୍ଟ) ସ୍ତରକୁ ପରିବର୍ତ୍ତନ କରିବା ପାଇଁ 'ଓଡିଶା ଲୋୟାର ଏକ୍ସାଇଜ ସର୍ଭିସ (ନିଯୁକ୍ତି ଓ ସେବା ସର୍ତ୍ତ) ସଂଶୋଧନ ନିୟମ, ୨୦୨୫' ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ୨୦୨୩ ନିୟମାବଳୀରେ ଜିଲ୍ଲା କ୍ୟାଡର ଅନୁଯାୟୀ ନିଯୁକ୍ତି ଓ ସେବା ପରିଚାଳନାକୁ ସୁଗମ କରିବା ପାଇଁ କେତେକ ନିୟମ ସଂଶୋଧନ କରିଯାଇଛି।

ଏହା ସହିତ, ଓଡିଶା ଏକ୍ସାଇଜ ନିୟମ, ୨୦୧୭ର ନିୟମ ୭୯କୁ ଓଡିଶା ଏକ୍ସାଇଜ ଆଇନ, ୨୦୦୮ର ଧାରା ୯୦ ଅନୁଯାୟୀ ସଂଶୋଧନ କରାଯାଇଛି। ଏହି ସଂଶୋଧନ ଅନୁଯାୟୀ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଓ ବ୍ରିୟୁଅରୀ ୟୁନିଟ୍ ?ଗୁଡିକ ପାଇଁ ଅତିରିକ୍ତ ଘଣ୍ଟା ପରିଚ ୟୁନିଟ୍ ପରିଚାଳନା ଫି'ରୁ ଛାଡ ଦିଆଯାଇଛି। ଏହା ବ୍ୟବସାୟର ସୁଗମତାକୁ ପ୍ରୋତ୍ସାହନ ଦେବ, ଉତ୍ପାଦନ କ୍ଷମତା ବୃଦ୍ଧି କରିବ, ନିବେଶ ଆକର୍ଷଣ କରିବ ଏବଂ ରାଜ୍ୟରେ ରୋଜଗାର ସୁଯୋଗ ସୃଷ୍ଟି କରିବ।

୨. ଜରୁରୀକାଳୀନ ଆମ୍ବୁଲାନ୍ସ ସେବା (ଋଗଇ୫) ଯୋଜନା

ରାଜ୍ୟ କ୍ୟାବିନେଟ୍ ଆଇପିଟିଏଚ୍ଏଚ୍ଏସ-ଫେଜ୍ -୨ ଅଧୀନରେ 'ଜରୁରୀକାଳୀନ ଆମ୍ବୁଲାନ୍ସ ସେବା (ଋଗଇ୫)' ଯୋଜନାକୁ ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା ପାଇଁ ଅନୁମୋଦନ କରିଛନ୍ତି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଓଡିଶା ସରକାରଙ୍କ ମିଳିତ ଉଦ୍ୟମରେ ଜାତୀୟ ଆମ୍ବୁଲାନ୍ସ ସେବା ଅଧୀନରେ ଏହି ଯୋଜନା ୫ ମାର୍ଚ୍ଚ ୨୦୧୩ରୁ ଓଡିଶାରେ କାର୍ଯ୍ୟକାରୀ ହେଉଛି।

ଋଗଇ୫-୧୦୮ ସେବା ମାଧ୍ୟମରେ ରାଜ୍ୟର ଜନତାଙ୍କୁ ମାଗଣାରେ ଜରୁରୀକାଳୀନ ପ୍ରାକ୍-ହସ୍ପିଟାଲ ଚ୍ୱ୧୨ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ୮୬୬ଟି ଆମ୍ବୁଲାନ୍ସ (୪୧୧ଟି ଇଖ୫, ୪୪୯ଟି ଈଖ୫ ଓ ୬ଟି ବୋଟ୍ ଆମ୍ବୁଲାନ୍ସ) ମାଧ୍ୟମରେ ଏହି ସେବା ୨୪ଘ୬୭ କେନ୍ଦ୍ରୀୟ କଲ୍ ସେଣ୍ଟର ଦ୍ୱାରା ପରିଚାଳିତ ହେଉଛି। ଏହି ଯୋଜନା ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧୧-୧୨ ଲକ୍ଷ ଜରୁରୀ ରୋଗୀ (ଗର୍ଭବତୀ ମହିଳା ଓ ଶିଶୁ ସମେତ)ଙ୍କୁ ୨୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି।

ଏହି ସେବା ଏକ ଘରୋଇ ଏଜେନ୍ସି ଦ୍ୱାରା ପରିଚାଳିତ ହେଉଛି, ଯାହାଙ୍କୁ ଖୋଲା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ମନୋନୀତ କରାଯାଇଛି। ପ୍ରକଳ୍ପର ଅର୍ଥନୀତି ରିମ୍ବର୍ସମେଣ୍ଟ ଆଧାରିତ ଚୁକ୍ତି ଅନୁଯାୟୀ ପରିଚାଳିତ ହେଉଛି। ୫ ବର୍ଷ ପାଇଁ ମୋଟ ୨୩୯୮. ୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

୩. ଓଡିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ, ୨୦୨୫

ଓଡିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ, ୨୦୨୫କୁ ଅନୁମୋଦନ କରିଛନ୍ତି। ଏହି ସଂଶୋଧନ ଅନୁଯାୟୀ ଅଙ୍ଗନଓ୍ୱାଡି କର୍ମୀମାନଙ୍କ ପାଇଁ ଜୁନିୟର ଗ୍ରେଡ୍ ସେବାରେ(ସୁପରଭାଇଜର) ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତା ପରିବର୍ତ୍ତନ କରାଯାଇଛି। ୧୯୮୯ ନିୟମାବଳୀ ଅନୁଯାୟୀ ପୂର୍ବରୁ ହାଇସ୍କୁଲ ସାର୍ଟିଫିକେଟ (ଐ୫ଉ) ବା ସମକକ୍ଷ ଯୋଗ୍ୟତା ଆବଶ୍ୟକ ଥିଲା। ନୂଆ ନିୟମ ଅନୁଯାୟୀ ନୂତନ ଅଙ୍ଗନଓ୍ୱାଡି କର୍ମୀମାନଙ୍କୁ କୌଣସି ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ (ଗ୍ରାଜୁଏସନ) ବା ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହେବ। ତେବେ, ଏହି ନୂଆ ନିୟମ ବର୍ତ୍ତମାନର ଅଙ୍ଗନଓ୍ୱାଡି କର୍ମୀମାନଙ୍କ ଉପରେ ଲାଗୁ ହେବ ନାହିଁ। ସେମାନେ ପୂର୍ବ ଯୋଗ୍ୟତା (ଐ୫ଉ) ଆଧାରରେ ନିଯୁକ୍ତି ପାଇଁ ବିବେଚିତ ହେବେ। ଏହି ପରିବର୍ତ୍ତନ ଟେକ୍ନୋଲୋଜି, ଆଇଟି ଓ ବୈଜ୍ଞାନିକ ପଦ୍ଧତିର ବୃଦ୍ଧି ସହିତ ଶିଶୁ ଯତ୍ନ ଓ ଗର୍ଭାବସ୍ଥା ପରିଚାଳନାରେ ଉନ୍ନତ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛି।

୪. ଓଡିଶା କଲ୍ୟାଣ ସେବା ଓ ଓଡିଶା ସବଅର୍ଡିନେଟ୍ କଲ୍ୟାଣ ସେବାର ପୁନର୍ଗଠନ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗଙ୍କ କଲ୍ୟାଣ କାର୍ଯ୍ୟକୁ ସୁଦୃ? କରିବା ପାଇଁ ଓଡିଶା କଲ୍ୟାଣ ସେବା (ଙଡ୫) ଓ ଓଡିଶା ସବଅର୍ଡିନେଟ୍ କଲ୍ୟାଣ ସେବା (ଙ୫ଡ୫) କ୍ୟାଡରର ପୁନର୍ଗଠନ ଅନୁମୋଦିତ ହୋଇଛି। ନୂଆ ଯୋଜନା, ଆଇଟିଡିଏ, ମାଇକ୍ରୋ ପ୍ରୋଜେକ୍ଟ, ଆବାସିକ ବିଦ୍ୟାଳୟ ଓ ହଷ୍ଟେଲ ପରିଚାଳନା ପାଇଁ ଅଧିକ ଅଧିକାରୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି।

## ମହିଳା ଜେଇଙ୍କୁ ଆକ୍ରମଣ ଘଟଣା; ଅଭିଯୁକ୍ତ ବିଜେପି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ଜଗତସିଂହପୁର,୨୩।୪(ପି.ଏନ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର ମହିଳା କନିଷ୍ଠ ଯନ୍ତ୍ରୀ ଓ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଆକ୍ରମଣରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି। ଦୁଇ ଅଧିକାରୀଙ୍କୁ ଆକ୍ରମଣ କରିଥିବା ବିଜେପି ନେତା ଓ କର୍ମୀଙ୍କ ବିରୋଧରେ ଆକ୍ସନ ଦାବିରେ ଆଜି ବିଜେଡି ତରଫରୁ ବଡ଼ ବିକ୍ଷୋଭ କରାଯାଇଛି। ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲିଙ୍କ ନେତୃତ୍ୱରେ ହଜାର ହଜାର କର୍ମୀ ଜଗତସିଂହପୁର ଗାନ୍ଧି ଛକରୁ ଏକ ଶୋଭାଯାତ୍ରାରେ ଯାଇ ଏସପି ଅଫିସ ଘେରାଉ କରିଥିଲେ। ବିଜେପି ନେତାଙ୍କ ଗୁଣ୍ଡାଗିରିର ପ୍ରତିବାଦ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରି ଏସପିଙ୍କୁ ଦାବିପତ୍ର ପ୍ରଦାନ କରିଛି ବିଜେଡି। ବିଶେଷ କରି ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବିଜେପି ଓବିସି ମୋର୍ଚ୍ଚାର ଜଗତସିଂହପୁର ଜିଲ୍ଲା ସଭାପତି ସୁବୋଧ ବାରିକଙ୍କୁ ଗିରଫ କରିବାକୁ ଦାବି କରିଯାଇଛି ।ବିଜେଡିର ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ବିଜେଡି ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ ନେତା ପ୍ରତାପ ଜେନା, ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲର ବିଜେଡି ବିଧାୟକ ରମାକାନ୍ତ ଭୋଇ, ପାରାଦ୍ୱୀପର ବିଜେଡି ନେତା ବାପି ସର୍ଖେଲ ପ୍ରମୁଖ ଓ ବିଜେଡିର ହଜାର ହଜାର କର୍ମୀ ।ସୂଚନା ଅନୁଯାୟୀ, ଗତ ୧୧ ତାରିଖରେ ଆୟୁଷ୍ମାନ ଯୋଜନା ଶୁଭାରମ୍ଭ ଦିନ ରଘୁନାଥପୁର ବ୍ଲକର ମହିଳା କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତା ଖୁଣ୍ଟିଆ ଓ ଆକଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ସୂର୍ଯ୍ୟକାନ୍ତ ସାହୁଙ୍କୁ ବିଜେପି କର୍ମୀ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିବାର ଅଭିଯୋଗ ହୋଇଥିଲା। ତରିକୁନ୍ଦରେ ଏହି ଘଟଣା ଘଟିଥିଲା। ଏପରିକି ମହିଳା କନିଷ୍ଠ ଯନ୍ତ୍ରୀଙ୍କୁ ଟଣାଓଟରା କରିଥିଲେ ବିଜେପି କର୍ମୀ। ତାଙ୍କ ଡ୍ରେସ୍ ଚିରିଦେବା ସହିତ ମାଡ଼ ମାରିଥିବାର ଅଭିଯୋଗ ହୋଇଥିଲା। ବିଜେପି କର୍ମୀଙ୍କ କବଳରୁ କନିଷ୍ଠ ଯନ୍ତ୍ରୀଙ୍କୁ ରକ୍ଷା କରିବାକୁ ଡାଟା ଏଣ୍ଟ୍ରି ଅପରେଟର ସୂର୍ଯ୍ୟକାନ୍ତ ସାହୁ ତାଙ୍କୁ ପଂଚାୟତ ଅଫିସରେ ଭର୍ତ୍ତି କରିଦେଇଥିଲେ। ତଥାପି ତାଲା ଭାଙ୍ଗି ମହିଳା କନିଷ୍ଠ ଯନ୍ତ୍ରୀଙ୍କୁ ଓ ସୂର୍ଯ୍ୟକାନ୍ତ ସାହୁଙ୍କୁ ଆକ୍ରମଣ କରିଥିଲେ ବିଜେପି କର୍ମୀ ।

## ଯାଜପୁର ସାଧାରଣ ପରିଷଦ ବୈଠକରେ ହଇଚଗୋଳ, ବିଜେଡି-ବିଜେପି ମୁହାଁମୁହିଁ



ଯାଜପୁର୨୩।୪(ପି.ଏନ): ଯାଜପୁର ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ପରିଷଦ ବୈଠକରେ ହଇଚଗୋଳ ଓ ହଙ୍ଗାମା । ବିଜେଡି ଓ ବିଜେପି ସଦସ୍ୟ ମୁହାଁମୁହିଁ ହୋଇଛନ୍ତି । ଆଜି ପୂର୍ବାହ୍ନରେ ବୈଠକ ଆରମ୍ଭ ହେବା ମାତ୍ରେ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ନିଜ ଆସନ ଛାଡ଼ିତଳକୁ ଆସି ନିଜର ଅସହାୟତା ପ୍ରକାଶ କରିଥିଲେ । ସରକାରୀ କାର୍ଯକ୍ରମରେ ଅଣଦେଖା, ଭତ୍ତା ବୃଦ୍ଧି, ହାତ ପାଣ୍ଠି ବୃଦ୍ଧି କରିବା ପାଇଁ ଦାବି କରିଥିଲେ । ଏପରିକି ତାଙ୍କ ଏରିଆରେ ତାଙ୍କୁ ନିମନ୍ତ୍ରଣ କରାଯାଉ ନଥିବା ମଧ୍ୟ ଅଭିଯୋଗ କରିଛନ୍ତି । ଏହାର ଜବାବ ଦେବାକୁ ଯାଇ ବଡଚଣା ବିଧାୟକ ଅମର ନାୟକଙ୍କ ସହିତ ପ୍ରବଳ ଯୁକ୍ତି ତର୍କ ହୋଇଛି । ଏହାକୁ ନେଇ ସମସ୍ତ ବିଜେଡିର ଜିଲ୍ଲା ପରିଷଦ ସଦସ୍ୟମାନେ ସମର୍ଥନ କରି ବିଜେପି ବିଧାୟକଙ୍କୁ ଘେରିଥିଲେ। ପରେ ଜିଲ୍ଲାପାଳ ସମସ୍ତ ଅଭିଯୋଗର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବୈଠକ ସ୍ୱାଭାବିକ ହୋଇଥିଲା ।ଏହା ପରେ ବିଭିନ୍ନ ଏଜେଣ୍ଡା ଅନୁଯାୟୀ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନଳିନୀପ୍ରଭା ଜେନା, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ରାଜ୍ୟସଭା ସାଂସଦ ସୁଲତା ଦେଓ, ବଡଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ , ଜିଲାପାଳ ପିଅନ୍ଓ୍ୱେଶୋ ରେଡି ପ୍ରମୁଖ ଯୋଗ ଦେଇଥିଲେ ।






# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଷ୍ଟ୍ୟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଉଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




ଭୁବନେଶ୍ୱର, ୨୦୨୫, ଅପ୍ରେଲ ୨୪

# ବିହାର ରାଜନୀତି


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଚଳିତ ବର୍ଷ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନ ଆଉ ମାତ୍ର କିଛି ମାସ ବାକିଥିବାବେଳେ ବର୍ତ୍ତମାନ ଠାରୁ ବିଭିନ୍ନ ରାଜନୈତିକ ଦଳମାନଙ୍କ ପକ୍ଷରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇବା ସ୍ୱାଭାବିକ। ଉଭୟ ଏନଡିଏ ଓ ଇଣ୍ଡିଆ ମେଂଟ ନିଜ ନିଜ ମଧ୍ୟରେ ବୁଝାମଣା ଆରମ୍ଭ କରିଦେଇଥିବା ଲକ୍ଷ୍ୟ କରାଯାଇଛି। ବିଶେଷ କିଛି ଗତ ସାଧାରଣ ନିର୍ବାଚନରେ ଶାସକ ବିଜେପି ଆଶାତୀତ ସଫଳତା ପାଇନଥିବାବେଳେ ମହାରାଷ୍ଟ୍ରରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ସହ କ୍ଷମତାସୀନ ହେବା ଏବଂ ହରିଆନାରେ କ୍ରମାଗତ ତୃତୀୟ ଥର ପାଇଁ ବିଜୟୀ ହେବା ପରେ ବିହାର ଦଖଲ ଅଭିଯାନକୁ ଦଳ ଏବେ ତ୍ୱରାନ୍ୱିତ କରିଛି। ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଦଳର ବହୁ ବରିଷ୍ଠ ନେତା ଇତି ମଧ୍ୟରେ ରାଜ୍ୟକୁ ବାରମ୍ବାର ଗସ୍ତ କରି ବହୁ ପ୍ରସ୍ତାବିତ ପ୍ରକଳ୍ପର ଶିଳାନ୍ୟାସ କରିଥିବାବେଳେ ବହୁ ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି। କେବଳ ଏତିକି ନୁହେଁ, ରାଜ୍ୟର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କାର ଅନୁଦାନ ଘୋଷଣା ମଧ୍ୟ କରିଛନ୍ତି। କେବଳ ଏତିକି ନୁହେଁ, ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜେଡିୟୁ, ଚିରାଗ ପଶ୍ୱାନଙ୍କ ଏଲଜେପି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ମାନଝୀଙ୍କ ଗୋଷ୍ଠୀ ସହ ମେଂଟ କରି ବିଜେପି ନିର୍ବାଚନ ଲଢିବ ଏବଂ ନୀତିଶ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବ ନେଇ ସଂକେତ ଦେଇସାରିଲେଣି। ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦଶନ୍ଧି ପୂର୍ବରୁ ମେଂଟରେ ବିଜେପି ଦ୍ୱିତୀୟ ନମ୍ବର ଦଳ ଭାବେ ବିବେଚିତ ହୋଇଥିବାବେଳେ ଗଲା ବିଧାନସଭା ନିର୍ବାଚନରେ (ଜେଡିୟୁ)କୁ ପଛରେ ପକାଇ ମେଂଟରେ ଏକ ନମ୍ବର ସ୍ଥାନ ଦଖଲ କରିଛି। ଆସନ୍ତା ନିର୍ବାଚନରେ ଏନଡିଏ ବିଜୟୀ ହେବା ନେଇ ବିଜେପି ଦୃଢ ଆଶାବାଦୀ। ମୁଖ୍ୟମନ୍ତ୍ରୀ ପଦ ପାଇଁ ନୀତିଶ କୁମାରଙ୍କ ନାମ ବିଜେପି କେନ୍ଦ୍ରୀୟ ନେତାମାନେ ଘୋଷଣା କରିଥିବା ସତ୍ତ୍ୱେ ନିର୍ବାଚନରେ ଦଳ ଯଦି ମେଂଟରେ ସର୍ବବୃହତ ଅଂଶୀଦାରର ମର୍ଯ୍ୟଦା ବଜାୟ ରଖେ, ତେବେ ମହାରାଷ୍ଟ୍ର ଘଟଣାର ପୁନରାବୃତ୍ତି ଘଟିବା କିଛି ଅସମ୍ଭବ ନୁହେଁ। କହିବା ବାହୁଲ୍ୟ ଯେ, ନିର୍ବାଚନ ପୂର୍ବରୁ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଏକନାଥ ସିନ୍ଧେଙ୍କ ନାମ ଘୋଷଣା କରିଥିବାବେଳେ ନିର୍ବାଚନ ପରେ ଦଳର ନେଇ ଦେବେନ୍ଦ୍ର ଫଡ଼ଣବିଶ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲା। ସିନ୍ଧେଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଏବେ ବୟସାଧିକ୍ୟ ଓ ସ୍ୱାସ୍ଥ୍ୟଗତ କାରଣରୁ ନୀତିଶଙ୍କ ନେତୃତ୍ୱ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ଗତ ବିଧାନସଭା ନିର୍ବାଚନରେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆରଜେଡି କ୍ଷମତା ଠାରୁ ଅଳ୍ପ ବ୍ୟବଧାନରେ ରହିଯାଇଥିବାବେଳେ ଏଥର ସହଯୋଗୀଙ୍କୁ ନେଇ କ୍ଷମତା ଦଖଲ ପାଇଁ ଦଳ ଗୋଟି ଚାଳନା କରୁଥିବା ମନେ ହୁଏ। ତେଜସ୍ୱୀ ରାଜ୍ୟର ବିଭିନ୍ନ ଅଂଚଳ ଗସ୍ତ କରି ସଭା, ସମିତିରେ ଯୋଗ ଦେଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, କହ୍ନେୟା କୁମାର ରାଜ୍ୟର ବିଭିନ୍ନ ଅଂଚଳରେ ସମାବେଶ ଓ ପଦଯାତ୍ରା କରିବା ଉଲ୍ଲେଖନୀୟ ଘଟଣା। କହ୍ନେୟା କୁମାରଙ୍କୁ କଂଗ୍ରେସ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପିତ କରିଛି। ମହାମେଂଟକୁ ସକ୍ରୀୟ କରାଇଥିବା ସତ୍ତ୍ୱେ ଆସନ ବୁଝାମଣା ନେଇ ଅଂଶୀଦାର ଦଳମାନଙ୍କ ମଧ୍ୟରେ ଏବେ ବି ସଂଶୟ ଲାଗି ରହିଛି। ଶେଷ ମୁହୂର୍ତ୍ତରେ ଆସନ ବଂଟନ କରି କମ୍ ଆସନ ଆରଜେଡି ଦେଇପାରେ ବୋଲି ଉଭୟ କଂଗ୍ରେସ ଓ ବାମପନ୍ଥୀ ମେଂଟ ଆଶଙ୍କା ପ୍ରକାଶ କରିବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୦ ବିଧାନସଭା ନିର୍ବାଚନରେ କଂଗ୍ରେସ ୭୦ଟି ଆସନରେ ପ୍ରତିଦ୍ୱନ୍ଦିତା କରି ମାତ୍ର ୧୯ଟି ଆସନ ପାଇଥିବାବେଳେ ବାମପନ୍ଥୀ ଦଳଗୁଡିକ ୧୯ଟି ଆସନରେ ଲଢି ୧୨ଟି ଆସନ ହାତେଇଥିଲେ। କଂଗ୍ରେସର ଆସନ ସଂଖ୍ୟା ହ୍ରାସ ପାଇବା ଏବଂ ବାମପନ୍ଥୀ ଦଳଗୁଡିକ ଅଧିକ ଆସନ ଦାବି କରିବା ନେଇ ଚର୍ଚ୍ଚା ହେଉଛି। ତେବେ ନିର୍ବାଚନ ସମୟ ପାଖେଇଥିଲେ, ଏହା ସ୍ପଷ୍ଟ ହୋଇଯିବ। ସେହିପରି ଚିରାଗଙ୍କ ଦାଦା ପଶୁପତି ପାରସଙ୍କ ନେତୃତ୍ୱାଧୀନ ଏଲଜେପି ଏଥର ଏନଡିଏ ହାତ ଛାଡିଥିବାବେଳେ ପ୍ରଶାନ୍ତ କିଶୋରଙ୍କ 'ଜନସୂରାଜ' ଦଳ କେତେଦୂର ବିଜେପିର ସଫଳତାକୁ ପ୍ରତିହିତ କରିବ, ନିର୍ବାଚନରେ ପ୍ରଭାବ ପକାଇବ, ତାହା ଫଳାଫଳ ହିଁ କହିବ କିନ୍ତୁ ରାଜନୈତିକ ମନ୍ଥନ ଚଳିତ ବିହାର ବିଧାନସଭା ନିର୍ବାଚନକୁ ସରଗରମ କରିବ, ଏଥିରେ ସନ୍ଦେହ ନାହିଁ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ବିପଦରେ ବିପନ୍ନ ହେଲେ କ'ଣ କରିବା ?


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଏହି ସମଗ୍ର ସୃଷ୍ଟିର ତତ୍ତ୍ୱାବଧାରକ ଏବଂ ନିର୍ଦ୍ଦେଶକ ହେଉଛନ୍ତି ପରମାତ୍ମା। ସୃଷ୍ଟିର ଜନ୍ମ-ମୃତ୍ୟୁ ଏବଂ ପ୍ରଳୟର ସେ ଏକମାତ୍ର ଦ୍ରଷ୍ଟା। ଯଦିଓ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସେ ହେଉଛନ୍ତି ସ୍ରଷ୍ଟା ସେ କିନ୍ତୁ ନିର୍ଲିପ୍ତ। ସେ କୌଣସିଥିରେ ସମ୍ପୃକ୍ତ ନୁହନ୍ତି। ସେ ହେଉଛନ୍ତ ସ୍ୱସମ୍ବେଦ୍ୟ ଅର୍ଥାତ୍ ସଂବେଦନ ଠାରୁ ବହୁ ଉର୍ଦ୍ଧ୍ୱରେ। ସୃଷ୍ଟିର ଆରମ୍ଭ ପୂର୍ବରୁ ପରମାତ୍ମା ଥିଲେ ଏବଂ ସୃଷ୍ଟିର ବିନାଶ ପରେ ମଧ୍ୟ ସେ ରହିଥିବେ। ସୃଷ୍ଟିରେ ଯାହା କିଛି ଅଛି ସେ ସବୁର ସେ ହେଉଛନ୍ତି ଅଭିନ୍ନ ଅଂଗ। ତେବେ ଏ ସବୁକୁ ସୃଷ୍ଟି କରିବା ପରେ ପରମାତ୍ମାଙ୍କ ସ୍ଥିତି ହେଉଛି ସ୍ୱତନ୍ତ୍ର ଏବଂ ସ୍ୱାଧୀନ। ପରମାତ୍ମାଙ୍କର ଏହି ସର୍ବବ୍ୟାପୀ ଗୁଣ ଯୋଗୁ ତାଙ୍କୁ ଅନେକ ଅଜ, ଅମର ଏବଂ ଅନାଦି କହିଥାନ୍ତି। କେବଳ ସେତିକି ନୁହେଁ ତାଙ୍କୁ ମଧ୍ୟ ଅନନ୍ତ, ଅବିଚ୍ଛିନ୍ନ, ଅର୍ନିବାଚନୀୟ ଏବଂ ସଦଚିତ ଆନନ୍ଦ କୁହାଯାଏ। ପରମାତ୍ମାଙ୍କର ସର୍ବବ୍ୟାପୀ ଗୁଣକୁ ବର୍ଣ୍ଣନା କରିବାକୁ ଯାଇ କୁହାଯାଏ ଯେ ସେ ହେଉଛନ୍ତି ସୂକ୍ଷ୍ମାତିସୂକ୍ଷ୍ମ ଏବଂ ବିଶାଳତା ଠାରୁ ମଧ୍ୟ ବିଶାଳ। ତେବେ ପରମାତ୍ମାଙ୍କ ଗୁଣକୁ ବର୍ଣ୍ଣନା କରିବାକୁ ଶବ୍ଦ ଯଥେଷ୍ଟ ନୁହେଁ। ଜଣେ ମା' ବ୍ୟାକୁଳ କଣ୍ଠରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ କହିଲେ - ବାବା! ମୁଁ ବଡ଼ ବିପନ୍ନ। କ'ଣ କଲେ ମୋର ବିପଦ ଯିବ ? ମୋତେ ଗୋଟିଏ ରାସ୍ତା ବତାଇ ଦିଅନ୍ତୁ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗଭୀର ସମବେଦନାର ସହିତ କହିଲେ - କ'ଣ ଆଉ କରିବୁ ମା ! ପ୍ରାଣ ଭରି ଭଗବାନଙ୍କୁ ଡାକ। ଭଗବାନଙ୍କର ନାମ କର। ତାଙ୍କ ଛଡ଼ା ମଣିଷର ଆଉ କ'ଣ ବା ସମ୍ବଳ ଅଛି କହ ? ଭଗବାନଙ୍କ ବ୍ୟତୀତ ଆଉ ଯାହା କିଛି ଉପରେ ହିଁ ମଣିଷ ନିର୍ଭର କରିବାକୁ ଯାଏ, ସମସ୍ତେ ହିଁ ଜଣ ଜଣ କରି ଅପସରି ଯାଆନ୍ତି, କୌଣସିଟା ହିଁ ଦୀର୍ଘସ୍ଥାୟୀ ହୁଏ ନାହିଁ। ବିଶ୍ୱର ସମସ୍ତ ଜଡ଼ ଏବଂ ଜୀବ ପରମାତ୍ମାଙ୍କ ଠାରୁ ସୃଷ୍ଟ। ପଞ୍ଚମହାଭୂତ ଯଥା ମାଟି, ପାଣି, ପବନ, ନିଆଁ ଏବଂ ବ୍ୟୋମର ସେ ହେଉଛନ୍ତି ନିୟନ୍ତ୍ରକ। ସ୍ଥାନ ଏବଂ ସମୟ ଠାରୁ ସେ ସ୍ୱାଧୀନ। ସେ ହେଉଛନ୍ତି ପରମାନନ୍ଦ। ତାଙ୍କୁ କେବଳ ସର୍ବଶକ୍ତିମାନ ଭାବେ ସମ୍ମାନ ପ୍ରଦର୍ଶନ କରାଯାଏ ନାହିଁ, ସେ ହେଉଛନ୍ତି ସବୁ ଶକ୍ତିର ସମନ୍ୱୟ ରକ୍ଷାକାରୀ। ପରମାତ୍ମାଙ୍କର ଜନ୍ମ ବା ମୃତ୍ୟୁ ନାହିଁ। ତାଙ୍କର ବୃଦ୍ଧି ନାହିଁ କିମ୍ବା କ୍ଷୟ ନାହିଁ। ପରମାତ୍ମା ସବୁବେଳେ ସତ ଚିତ ଆନନ୍ଦ ଅବସ୍ଥାରେ ବାସ କରୁଥାନ୍ତି। ଈଶ୍ୱର ଏବଂ ସନ୍ଥ ହେଉଛନ୍ତି ଅଭିନ୍ନ। ଭୂଲୋକରେ ସନ୍ଥମାନେ ପରମାତ୍ମାଙ୍କ ପ୍ରତୀକ ଭାବେ କାର୍ଯ୍ୟ କରନ୍ତି। ପରମାତ୍ମା ମଣିଷ ଶରୀର ନେଇ ଜନ୍ମ ହେବା ଦ୍ୱାରା ଏହି ମର ଦୁନିଆରେ ଯାହା ସବୁ ଭୋଗିବାକୁ ପଡ଼େ ତାହା ମାନବ ହୋଇ ଜନ୍ମ ନେଇଥିବା ପରମାତ୍ମାଙ୍କ କ୍ଷେତ୍ରରେ ମଧ୍ୟ ହୋଇଥାଏ। ଏହି ଲୌକିକ ଦୁନିଆରେ କାର୍ଯ୍ୟ କରୁଥିଲେ ମଧ୍ୟ ସେ ଅଲୌକିକ ହୋଇରହନ୍ତି। ଭଗବାନ କହିଛନ୍ତି ଧର୍ମର ପତନ ହେବା ମାତ୍ରେ ସେ ମାନବ ଶରୀର ନେଇ ଧରାରେ ଜନ୍ମ ଗ୍ରହଣ କରି ଦୁଷ୍ଟଙ୍କ ନିବାରଣ କରନ୍ତି ଏବଂ ସନ୍ଥଙ୍କ ରକ୍ଷା କରନ୍ତି। ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି। ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହିସବୁ ଗୁଣଠାରୁ ଦୂରେଇ ରହିବା ପାଇଁ ଆଶ୍ରିତ ମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି। ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀ ଶ୍ରୀ ଠାକୁର ସାହାଯ୍ୟ କରନ୍ତି। ଏଥିନିମନ୍ତେ ଭକ୍ତ ସଦଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ। ସଦଗୁରୁ ଏତିକି ମାତ୍ର ଚାହାଁନ୍ତି। ସଦଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା।

ସହ-ପ୍ରତିରଦ୍ଧିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ
ମେଡ଼ିକାଲ କଲେଜ, କଟକ

# ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ବିକାଶ


ଉମାଶଙ୍କର ପ୍ରସାଦ

ଭାରତୀୟ ଜନତାଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଗ୍ରାମା ଳରେ ବାସ କରିଥାନ୍ତି ବୋଲି ସର୍ବେକ୍ଷଣ କହେ। ଯଦି ଆମେ ଭୌଗଳିକ ଦୃଷ୍ଟିରୁ ବିବେଚନା କରିବା ତେବେ ଆପାତତଃ ୯୬ ପ୍ରତିଶତ ଭାଗ ଗ୍ରାମାଂଚଳର ସୀମା ଅନ୍ତର୍ଭୁକ୍ତ। ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କ ବିକାଶକୁ ଆଖି ଆଗରେ ରଖି ସେମାନଙ୍କର ସାମାଜିକ, ଆର୍ଥିକ ବିକାଶକୁ ନେଇ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି କାରଣ ସେହିମାନେ ହେଉଛନ୍ତି ସରକାରଙ୍କର ଅସଲ ଭୋଟ ବ୍ୟାଙ୍କ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ସେଦିନର ନେହେରୁଙ୍କ ଅମଳରୁ ଆଜିର ମୋଦିଙ୍କ ଶାସନ କାଳ ଭିତରେ ଆଜିର ଗ୍ରାମ୍ୟ ଭାରତ ର ଅବସ୍ଥା ଯେମିତି ରହିଛି, ଯେଉଁଠି ପାନୀୟ ଜଳ, ବିଦ୍ୟୁତ, ସଡକ, ବାସଗୃହ, ଖାଦ୍ୟ ଏବଂ ବସନ ଭଳି ମୌଳିକ ଆବଶ୍ୟକତାର ଅଭାବ ମର୍ମେ ମର୍ମେ ଅନୁଭବ କରି ବସିଲେ ଯେକୌଣସି ଭାରତୀୟ ଚିନ୍ତାରେ ଆହତ ହେବା ସ୍ୱାଭାବିକ। ଆଜକୁ ୭ ବର୍ଷ ତଳର କଥା, ମାସ ଥିଲା ଏହି ଏପ୍ରିଲ। ମହାରାଷ୍ଟ୍ରର ଲାଟୁର ବାସୀଙ୍କୁ ଜଳ ସଙ୍କଟରୁ ରକ୍ଷା କରିବା ପାଇଁ ମୋଦିଜୀ ଲକ୍ଷ ଲକ୍ଷ ଟନ୍ ଜଳ ପ୍ରେରିତ କରି ଲାଟୁର ବାସୀଙ୍କଠାରୁ ବାଃ ବାଃ ସାଉ ିଥିଲେ କେବଳ ଲାଟୁରବାସୀ ନୁହଁନ୍ତି ତାଙ୍କର ଏଭଳି ଆଶୁ ପଦକ୍ଷେପ ଯୋଗୁଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କ ଠାରୁ ଆରମ୍ଭ କରି ବହୁ ଉଚ୍ଚ ସୋପାନ ବ୍ୟକ୍ତି ତାଙ୍କୁ ବଧାଇ ଜଣାଇଥିଲେ। କେବଳ ଲାଟୁର ନୁହଁ, ଦେଶର ବହୁ ରାଜ୍ୟ ଏପରିକି ନଦୀ ବହୁଳ ଓଡିଶା ଭଳି ରାଜ୍ୟ ମଧ୍ୟ ଜଳସଙ୍କଟର ଶିକାରରୁ ବାଦ୍ ଯାଇ ନାହିଁ। ଖରାଦିନେ ପାନୀୟ ଜଳଠାରୁ ଆରମ୍ଭ କରି ବର୍ଷା ଦିନେ ବର୍ଷାର ଅଭାବ ଯୋଗୁଁ କୃଷି ଜଳର ସଙ୍କଟ ଖାଦ୍ୟାଭାବର ପରିଣତିକୁ ଉଦବେ୍ଗ ଜନକ ପରିଣତିରେ ଆଣି ପହଂଚାଇ ସାରିଛି। ଯେଉଁଥିପାଇଁ କି ଏ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଏକ ଗୁରୁତର ବିଷୟ ହୋଇ ଯାଇଛି। ଏବେ କ୍ରମାନ୍ୱୟରେ ପ୍ରତୀୟମାନ ହେଉଛି ଯେ ଗ୍ରାମ ଉନ୍ନୟନ ପ୍ରକଳ୍ପ ଏବଂ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରତି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ ନକଲେ କୌଣସି ଯୋଜନା ଫଳବତୀ ହେବା ସମ୍ଭବ ନୁହେଁ। ଏହି ଉଦ୍ଦେଶ୍ୟରେ ସମଗ୍ର ଦେଶରେ ଚାରିଆଡେ ଗ୍ରାମବାସୀଙ୍କୁ ଦୃଷ୍ଟିରେ ରଖି ଅନେକ ନୂତନ ପ୍ରକଳ୍ପର ଭି ି ସ୍ଥାପନା ଚାଲୁଛି। ଏବଂ ତା ସଙ୍ଗେ ସଙ୍ଗେ ପଡିରହିଥିବା ପୁରୁଣା ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପ୍ରଚେଷ୍ଟା ଜାରି ରହିଛି।

ଏକଦା ଗାନ୍ଧିଜୀ ତାଙ୍କର ପ୍ରିୟ ଲେଖକ ମୁଲକରାଜ ଆନନ୍ଦଙ୍କୁ ସାକ୍ଷାତ କାଳରେ କହିଥିଲେ ଭାରତୀୟ ଗ୍ରାମ୍ୟ ଉନ୍ନୟନ ତ୍ୱରାନ୍ୱିତ ହୋଇ ନପାରିଲେ ଆମେ ବିଶାଳ ଭାରତକୁ ମନ ମୁତାବକ ଗଢି ପାରିବା ନାହିଁ। ଗାନ୍ଧିଜୀ ଇଚ୍ଛା କରିଥିଲେ ଭାରତୀୟ ଗ୍ରାମଗୁଡିକ ସ୍ୱାଧୀନ ଗଣତାନ୍ତ୍ରୀକ ଢା ାରେ ଶାସନରେ ସ୍ୱାଧୀନତା ଅବଲମ୍ବନ କରି ଦୈନନ୍ଦିନର ଚାହିଦା ପୂରଣ ନିମନ୍ତେ ପର୍ଯ୍ୟାପ୍ତ ଅର୍ଥ ଯୋଗାଡ କରି ଗ୍ରାମବାସୀଙ୍କ ଦ୍ୱାରା ନିଜକୁ ନିଜେ ଶାସନ କରି ଚାଲନ୍ତୁ। ଭାରତ ଯେହେତୁ ଏକ କୃଷି ପ୍ରଧାନ ଦେଶ, ତେଣୁ ଗାଉଁଲି ଲୋକଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସମତୁଲ ଦୃଷ୍ଟିଭଙ୍ଗୀ ଏବଂ ପୁଞ୍ଜି ନିବେଶର ଆବଶ୍ୟକତା ଜରୁରୀ ଅଟେ। ଆମ ଗାଁ ଗହଳିରେ ଜନସଂଖ୍ୟାର ହାର ଅଧିକ ଥିବାରୁ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛଳତା ଦିଗରୁ ବହୁ ପଛରେ ଗତି କରୁଥିବାରୁ ସରକାର ଏବେ ଗ୍ରାମାଂଚଳର ଲୋକଙ୍କ ସୁବିଧା ନିମନ୍ତେ ବେଶ ଦୃଷ୍ଟି ଦେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ଚିନ୍ତାଧାରା ସ୍ୱୟଂ ସମ୍ପୂର୍ଣ୍ଣ ତଥା ସୁଦୂର ପ୍ରସାରୀ। ସେଇଥିପାଇଁ ଏକଦା ବିଶେଷଜ୍ଞ ଜି. ସାହା ଏମିତି ବିନ୍ୟାସ କରିଥିଲେ, " ଗ୍ରାମ୍ୟ ଉନ୍ନୟନ ହେଉଛି ଗ୍ରାମାଂଚଳର ବିକାଶ; ସମୟେ ସମୟେ ଜଳସେଚନର ସୁବିଧା, ବ୍ୟାପକ ବିଦ୍ୟୁତିକରଣ, କୃଷି ପ୍ରଣାଳୀରେ ଉନ୍ନତି, ବିଦ୍ୟାଳୟ ନିର୍ମାଣ, ଶିକ୍ଷା ସୁବିଧା ଓ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା ଆଦିକୁ ଗ୍ରାମ୍ୟ ଉନ୍ନୟନ ବୁଝାଇଥାଏ।" ଅନେକ ଏହାକୁ ଏକପାଖିଆ ମତ ବୋଲି କହିଥିଲେ ମଧ୍ୟ ପଲ୍ଲୀ ସମାଜରେ ଯେଉଁ ପଚ୍ଚ ପରିବ ିନ ଘଟି ଚାଲୁଛି ତାହାହିଁ ଗ୍ରାମ୍ୟ ଉନ୍ନୟନର ଜଟିଳ ତଥା ଦୀର୍ଘସୂତ୍ରୀ ଧାରା ଭାବେ ଗ୍ରହଣ କରାଯାଉଛି। କାରଣ ଗାଉଁଲି ଲୋକଙ୍କ ଜୀବନ ଶୈଳୀରେ ଗୁଣବ ାର ଅଭିବୃଦ୍ଧି ନିମନ୍ତେ ଯୋଜନାଭି ିକ ଯେଉଁ ସବୁ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି ଏହା ସେଗୁଡିକର ପ୍ରତିନିଧିତ୍ୱ କରେ।

ଆଜି ଭାରତବର୍ଷରେ ୭୦ ପ୍ରତିଶତ ଲୋକ ଗାଁରେ ବାସ କରୁଥିଲେ ସୁଦ୍ଧା ଗ୍ରାମ୍ୟ ସ୍ତରରେ ଅଭିବୃଦ୍ଧି ନିମନ୍ତେ ଯେତେ ପ୍ରାଧାନ୍ୟ ଦେବା କଥା ତାହା ଦିଆ ଯାଉନାହିଁ। ଆମ ମିତବ୍ୟୟତା ଦ୍ରୁତ ଅଭିବୃଦ୍ଧି ଅଭିମୁଖେ ଆଗେଇ ଚାଲିଛି। କୋହଳ ନୀତି ଅନୁସୃତ ହେବାରୁ ଉତ୍ପାଦ, ସେବାକ୍ଷେତ୍ର ଓ ସୂଚନା ପ୍ରଯୁକ୍ତିରେ ଅଭୂତପୂର୍ବ ପରିବ ିନ ଘଟିଛି। ଶିଳ୍ପ ତଥା ବଡ ବଡ ନିଗମ ଯଦୀଓ ଜଗତୀକରଣରେ ସାମିଲ ହେଲେଣି; କିନ୍ତୁ କେହି ଏହିସବୁ ଅଭିବୃଦ୍ଧି ପରି ଗ୍ରାମାଂଚଳର ଅଭିବୃଦ୍ଧି ଘଟୁ ବୋଲି ଚିନ୍ତା କରୁନାହାଁନ୍ତି। ଗ୍ରାମାଂଚଳର ଆଭ୍ୟନ୍ତରୀଣ ଅଭିବୃଦ୍ଧି ଘଟିବା ଫଳରେ ସମୁଦାୟ ଗ୍ରାମ୍ୟବିକାଶର ପଚ୍ଚ ପରିବ ିନ ହେବ ବୋଲି ଯାହା ଗାନ୍ଧିଜୀ କହୁଥିଲେ ତାହା ସମ୍ପୂର୍ଣ୍ଣ ଠିକ୍। ଭାରତରେ ଗ୍ରାମ୍ୟ ଉନ୍ନୟନର ସମୀକ୍ଷା କଲାବେଳେ ବୁଝାପଡେ ସମୟର ଅଗ୍ରଗତି ମଧ୍ୟରେ ଏହାର ଚିନ୍ତାଧାରାରେ ପରିବ ିନ ଘଟିଛି। ଡେରିରେ ହେଲେ ସୁଦ୍ଧା ଗ୍ରାମ୍ୟ ଉନ୍ନୟନ କହିଲେ, "କୃଷିର ବ୍ୟାପକତା, ଅଭିବୃଦ୍ଧି ଏବଂ ଜନସଂଖ୍ୟାର ୩୦ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିବାବେଳେ ବହୁ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବାରୁ ଏହାକୁ ପ୍ରକୃତ ଅଭିବୃଦ୍ଧି ବୁଝାଯିବ ନାହିଁ। ଗ୍ରାମ୍ୟ ଉନ୍ନୟନ ଗ୍ରାମ୍ୟ ମିତବ୍ୟୟତାର ସମସ୍ତ କ୍ଷେତ୍ରରେ ପରିବ ିନ ଆଣିବାକୁ ଚାହେଁ। ସେହି କ୍ଷେତ୍ରଗୁଡିକ ପ୍ରାଥମିକ ଶ୍ରେଣୀୟ, ଦ୍ୱିତୀୟ ଶ୍ରେଣୀୟ ଏବଂ ଆଂଚଳିକ ଶ୍ରେଣୀୟ ହୋଇଥିବା ଦରକାର। ଆମେ ଏକବିଂଶ ଶତାବ୍ଦୀର ସାମ୍ପ୍ରତିକ ଯେ କୌଣସି ଏକ ଦଶକରେ କୌଣସି ଗାଁ କୁ ବୁଲିଗଲେ ଦେଖିବା ଯେ ସେହି ଗାଁ ଭିତରେ ଅବସ୍ଥିତ ଘରଗୁଡିକ ମାଟି କାନ୍ଥ, ନଡା ବାଉଁଶରେ ତିଆରି ଚାଳ ଛପରରେ ନିର୍ମିତ। ଚାଳରେ ଠାବେ ଠାବେ କଣା ହୋଇ ଦିନରେ ସୂର୍ଯ୍ୟ କିରଣ ଓ ରାତିରେ ଚନ୍ଦ୍ରକିରଣ ଘର ଭିତରକୁ ପଡିଥାଏ। ସେହି ଅବସ୍ଥାରେ ସେମିତି ଦୁଃଖ କଷ୍ଟରେ ସେମାନେ ମୁଣ୍ଡ ଗୁଞ୍ଜି ରହିଥାନ୍ତି। ଭୋକ ଉପାସରେ ଦିନ କାଟିବା ସ ୍ୱ ପାଣିର ଅଭାବ ଅଧିକାଂଶ ଗ୍ରାମବାସୀଙ୍କ ପକ୍ଷେ ଯେଉଁଭଳି କଷ୍ଟ ଦାୟକ ତାହା ଆଖିରେ ନଦେଖିଲେ ବିଶ୍ୱାସ କରି ହୁଏ ନାହିଁ। ଝିଅ ବୋହୂମାନେ ଖରା ଦିନେ ପାଣି ମୁନ୍ଦିଏ ପାଇଁ କାହିଁ କେତେ ଦୂର ଝରଣା ପାଖକୁ ଡେକ୍‌ଚି, ମାଠିଆ ବୋହି ଯାଆନ୍ତି। ଏସବୁ କ୍ଷେତ୍ରରେ ପାନୀୟ ଜଳ ଯୋଗାଣ ନିମନ୍ତେ ଦୂର ଦୂରାନ୍ତ ଯାଇ ଦୈନନ୍ଦିନ କାର୍ଯ୍ୟ କରିବା କ୍ଳାନ୍ତିକର ଏବଂ କଷ୍ଟକର ସମସ୍ୟା। କେବେଳ ନଳ ପାଇପ୍ ବ୍ୟବସ୍ଥା ଦ୍ୱାରା ଏହାର ଅନେକାଂଶରେ ସମାଧାନ ହୋଇପାରେ। ଗ୍ରାମାଂଚଳ ଉନ୍ନୟନ ନିମନ୍ତେ ବୃତିଗତ ତାଲିମ ଏବଂ ଶିକ୍ଷାଗତ ସୁବିଧା ସହ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସୁବିଧା ତଥା ନିଯୁକ୍ତି ସୁଯୋଗର ବ୍ୟବସ୍ଥା କରାଗଲେ ଗ୍ରାମୀଣ ଲୋକଙ୍କର ଜୀବନ ଧାରଣର ମାନ ନିଶ୍ଚୟ ବୃଦ୍ଧି ପାଇପାରନ୍ତା। ବ ିମାନ ଆମକୁ ବୁଝିବାକୁ ହେବ କୃଷି ବିକାଶ ସେତେବେଳେ ଠିକ୍ ସମ୍ଭବ ହେବ, ଯେତେବେଳେ ଆମ ଦେଶରେ ଭୂସଂସ୍କାର ପଦ୍ଧତି ସମ୍ପୂର୍ଣ୍ଣ ଫଳପ୍ରଦ ଅବସ୍ଥାରେ ଲାଗୁହେବ, ଜଳ ଯୋଗାଣର ଚାହିଦା ଠିକ୍ ରହିବ ଏବଂ ଜମିର ଚାହିଦା ଅନୁସାରେ ଉ ମ ବିହନ, ଉପଯୋଗୀ ଖତ, ସାର ଏବଂ ଔଷଧ ବ୍ୟବହାରରେ କୌଣସି ପ୍ରକାର ଅସୁବିଧା ରହିବ ନାହିଁ। ଗ୍ରାମାଂଚଳରେ ଦ୍ରୁତ ବିକାଶ ଘଟାଇବାକୁ ଭାରତ ସରକାର ଯେ ବଦ୍ଧପରିକର ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ। ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ଗାଁ ଗହଳିରେ ବସବାସ କରୁଥିବା ଲୋକମାନଙ୍କ ଜୀବନ ଧାରଣ ମାନରେ ଯଥାଯଥ ଉନ୍ନତି ଆଣିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ଅନେକଙ୍କ ମନେଥିବ ୧୯୫୨ ମସିହାରେ ଦେଶର ପ୍ରାଥମିକ ଗ୍ରାମ୍ୟ ଯୋଜନା ଭାବେ ଏକ ଗୋଷ୍ଠୀ ଉନ୍ନୟନ ଯୋଜନାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଚାଷୀମାନଙ୍କୁ ଉଚ୍ଚମାନର ବିହନ ସମେତ ଆଧୁନିକ କୃଷି ଯନ୍ତ୍ରପାତି ଏବଂ ରାସାୟନିକ ଔଷଧ ଯୋଗାଇବା। ଏହାଛଡା ଜଳସେଚନରେ ଯେପରି ଉନ୍ନତି ଘଟିବ ସେହି ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ଗ୍ରାମ୍ୟ ପଶୁପାଳନ, କ୍ଷୁଦ୍ରଶିଳ୍ପ ଯୋଜନାର ଉନ୍ନତି ଏସବୁକୁ ଆଖିରେ ରଖି ଗ୍ରାମ୍ୟ ପୁନର୍ନିର୍ମାଣ ମନ୍ତ୍ରଣାଳୟ ଗଠିତ ହୋଇଥିଲା ଯାହାର ପ୍ରମୁଖ କାର୍ଯ୍ୟ ଥିଲା ଗ୍ରାମ ଉନ୍ନୟନ। ମନେ ରଖିବାକୁ ହେବଯେ ସ୍ୱାସ୍ଥ୍ୟ ଏବଂ ଶିକ୍ଷାପରି କଲ୍ୟାଣକର ଯୋଜନାର ଉନ୍ନତି ହିଁ ଗ୍ରାମ୍ୟ ଉନ୍ନୟନର ସାମାଜିକ ଆକୃତି ଗଠନରେ ସହାୟକ ହୋଇଥାଏ। ଗ୍ରାମ୍ୟ ଉନ୍ନୟନ ଦିଗରେ ପଂଚାୟତରାଜର ଅବଦାନକୁ କେବେହେଲେ ଅସ୍ୱୀକାର କରାଯାଇ ନ ପାରେ। ନୂତନ ପଦକ୍ଷେପ ଭାବରେ ଏବେ ସାରା ଦେଶରେ ଗ୍ରାମସଭା ଏକ ସ୍ପଷ୍ଟ ଅନୁଷ୍ଠାନ ଭାବେ ଉଭା ହୋଇଛି।

ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା
(୬୩୭୦୬ ୭୫୫୬୨)

# ଗାନ୍ଧିଜୀଙ୍କ ପ୍ରତି ବିଶ୍ୱାସଘାତକତା : ରାଜ୍ୟରେ ଦୁଇ ଦଶନ୍ଧି ମଧ୍ୟରେ ଅବକାରୀ ରାଜସ୍ୱ ୭ ହଜାର କୋଟି ଟଙ୍କାକୁ ବୃଦ୍ଧି

ରବି ରଥ

ବର୍ଷକୁ ମାତ୍ର ଦୁଇ ଥର ଆମେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କୁ ସ୍ମରଣ କରିଥାଉ । ଗୋଟିଏ ହେଲା ପ୍ରତିବର୍ଷ ଅକ୍ଟୋବର ମାସ ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ । ଅନ୍ୟଟି ହେଲା ପ୍ରତିବର୍ଷ ଜାନୁୟାରୀ ମାସ ୩୦ ତାରିଖରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ । ଏହି ଦୁଇଟି ଦିନରେ ଆମ ନେତାମାନେ ଗାନ୍ଧୀଙ୍କୁ ସ୍ମରଣ କରି କେତେ କଥା କହିବେ, ଶୋକ ପ୍ରକଟ କରିବେ । କେତେ କେତେ କଥା ଗାନ୍ଧୀଙ୍କ ନାମ ନେଇ ଶପଥ କରିବେ । କିନ୍ତୁ ଦେଖିବାକୁ ଗଲେ ଏସବୁ କେବଳ ଗାନ୍ଧୀଙ୍କ ପ୍ରତି ଅପମାନ, ପ୍ରତାରଣା, ବିଶ୍ୱାସଘାତକା ଛଡା ଆଉ କିଛି ହୋଇନପାରେ ।

ସ୍ୱାଧୀନତା ଆନ୍ଦୋଳନ ସମୟରେ ନିଶା ନିବାରଣ ଏକ ଦୃଢ ସଂକଳ୍ପ ଥିଲା । ବିଦେଶୀ ଦ୍ରବ୍ୟ ବର୍ଜନ ସହ ନିଶାରୁ ମୁକ୍ତି ଥିଲା ମହାତ୍ମା ଗାନ୍ଧୀଙ୍କ ବଜ୍ର ଆହ୍ୱାନ । ଦେଶ ସ୍ୱାଧୀନ ହେଲା । ଭାରତୀୟ ସମ୍ବିଧାନରେ ମଧ୍ୟ ଏହା ଉଲ୍ଲେଖ କରାଗଲା ଏବଂ ଏକ ନିଶାମୁକ୍ତ ରାଷ୍ଟ୍ର ପାଇଁ ସରକାର ନିଜର ବଚନ ବଦ୍ଧତା ଘୋଷଣା କଲେ ।

THE CONSTITUTION OF INDIA

Part-IV.-Directive Principles of State Policy:-

47. The State shall regard the raising of the level of nutrition and the standard of living of its people and the improvement of public health as among its primary duties and, in particular, the State shall endeavour to bring about prohibition of the consumption except for medicinal purposes of intoxicating drinks and of drugs which are injurious to health.

ଅର୍ଥାତ୍ ? ନିଶା ନିବାରଣ ସଂପର୍କରେ ଭାରତୀୟ ସମ୍ବିଧାନର ଚତୁର୍ଥ ଅନୁଚ୍ଛେଦ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ଅନ୍ତର୍ଗତ ସମ୍ବିଧାନର ୪୭ ଧାରାରେ ନିଶା ନିବାରଣ ସଂପର୍କରେ ଉଲ୍ଲେଖ ରହିଛି ଓ ସ୍ପଷ୍ଟ ନିର୍ଦ୍ଦେଶ ଅଛି, ସରକାର ଜନସାଧାରଣଙ୍କର ଦୃଷ୍ଟି () ସ୍ତରରେ ଉନ୍ନତି ଘଟାଇ, ସେମାନଙ୍କ ଜୀବନ ଧାରଣ ମାନର ଉନ୍ନତି ଘଟାଇବେ ଏବଂ ସର୍ବସାଧାରଣଙ୍କର ସ୍ୱାସ୍ଥ୍ୟର ଉନ୍ନତି ଘଟାଇବେ । ଯାହାକି ସରକାରଙ୍କର ପ୍ରାଥମିକ କର୍ତ୍ତବ୍ୟ । କେବଳ ଔଷଧାର୍ଥେ ନିଶା ସେବନକୁ ଛାଡିଦେଲେ ଅନ୍ୟ କ୍ଷେତ୍ରରେ ଜନସାଧାରଣ କିଭଳି ନିଶା ସେବନରୁ ବିରତ ରହିବେ ତାହା ସରକାରଙ୍କର ଉଦ୍ୟମ ହେବା ଉଚିତ । ସମ୍ବିଧାନର ଚତୁର୍ଥ ଅନୁଚ୍ଛେଦ ୪୭ ଧାରାରେ ଏକ ଜନମଙ୍ଗଳ ରାଷ୍ଟ୍ରର ମୌଳିକ କର୍ତ୍ତବ୍ୟ ସଂପର୍କରେ, ଯାହା ଉଲ୍ଲେଖ ରହିଛି ସେଥିରେ ମହାତ୍ମାଗାନ୍ଧୀଙ୍କ ନିଶା ନିବାରଣ ନୀତିର ପ୍ରତିଫଳନ ଦେଖିବାକୁ ମିଳିଥାଏ । କିନ୍ତୁ ପରବର୍ତ୍ତୀ କାଳରେ ସମ୍ବିଧାନରେ ଲିଖିତ ଅନେକ ନିୟମ ପରି ନିଶାମୁକ୍ତି ମଧ୍ୟ ଏକ ପୋଥିଗତ ବ୍ୟବସ୍ଥା ହୋଇ ରହିଗଲା । ନିଶା ନିବାରଣ ପରିବର୍ତ୍ତେ ଦେଶରେ ନିଶାର ପ୍ରସାର ଦିନକୁ ଦିନ ବଢିବାକୁ ଲାଗିଲା । କ୍ଷମତାକୁ ଆସୁଥିବା ଦଳଗୁଡିକ କ୍ଷମତାରେ ରହିବା ପାଣ୍ଠି ସମୃଦ୍ଧି କରିବା ପାଇଁ ଏହାକୁ ଏକ ମୁଖ୍ୟ ସ୍ରୋତ ରୂପେ ଧରିନେଲେ । ଫଳରେ ପରିଣତି ଯାହା ଦେଖିବାକୁ ମିଳୁଛି । ମଦ୍ୟପାନ କରି ଯଦୁକୁଳ ଧ୍ୱଂସ ପାଇଗଲା । ନିଶାର ଏକ ଏପରି ଶକ୍ତି ରହିଛି ଯାହା ମଣିଷର ହିତାହିତ ଜ୍ଞାନକୁ ନଷ୍ଟ କରିଦେଇଥାଏ । ଆଜି ଘରେ ଘରେ ନିଶାର ପ୍ରଭାବ ଦେଖିବାକୁ ମିଳୁଛି । ଅନେକ ଘର ଭାଙ୍ଗିଯାଇଛି କେବଳ ଏହି ନିଶା ଯୋଗୁଁ । ଦେଶରେ ସୃଷ୍ଟି ହେଉଛି ସମସ୍ତ ପ୍ରକାର ବିଶୃଙ୍ଖଳା, ହତ୍ୟା, ଧର୍ଷଣ, ଚୋରି, ଡକାୟତି ଓ ନାନା ପ୍ରକାର ହିଂସାକାଣ୍ଡ । ତଥାପି ସରକାରଙ୍କ ନିଦ ଭାଙ୍ଗିବାକୁ ନାହିଁ ।

ଆୟ ଆଳରେ ପ୍ରତିବର୍ଷ ମଦ ଦୋକାନ ସଂଖ୍ୟା ବଢି ବଢି ଚାଲିଛି ଆଉ ଯେଉଁମାନେ ଏହାର ପ୍ରସାର କରୁଛନ୍ତି ସେମାନଙ୍କ ହାତରେ ରହିଛି ପ୍ରଚୁର ଧନସଂପତ୍ତି ଓ ସେମାନେ ବାହୁ ବଳରେ ବଳିୟାନ । ବାକ୍ତି ଜୀବନ ଓ ସାମାଜିକ ଜୀବନରୁ ସ୍ୱଚ୍ଛତା ଦୃଷ୍ଟିରୁ ସବୁଠାରୁ ଅଧିକ ଭୟାବହ ହେଉଛି ମଦ୍ୟ । ଧନୀ, ଦରିଦ୍ର, ଶ୍ରମିକ, ମାଲିକ–ସବୁ ଶ୍ରେଣୀର ଲୋକେ ଏବେ ମଦ ରାକ୍ଷସ ଦ୍ୱାରା କବଳିତ । ତେବେ କେତେକ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ରୂପରେ ମଦ୍ୟକୁ ବ୍ୟବହାର କରାଯାଉଛି । ଆଧୁନିକ ଆଜିର ସମାଜରେ ମଦ୍ୟପାନ ଏକ ଆଭିଜାତ୍ୟର ପ୍ରତୀକ ରୂପେ ଧନୀ, ବିଳାସୀ ଓ ପଦସ୍ଥ ବ୍ୟକ୍ତିଙ୍କ ମଧ୍ୟରେ ବିବେଚିତ ହେଲାଣି । ମଦ୍ୟପାନ ବା ନିଶା ସେବନର ମନ୍ଦଫଳ ସର୍ବଜନବିଦିତ । ମଦ୍ୟାସକ୍ତ ଲୋକମାନେ ନାନାଦି ଜଘନ୍ୟ କାର୍ଯ୍ୟ ହତ୍ୟାକାଣ୍ଡ ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି । ବେଳେ ବେଳେ ବିଷାକ୍ତ ମଦ୍ୟପାନ କରି ବିଭିନ୍ନ ସମୟରେ ଶହ ଶହ ଲୋକ ମୃତ୍ୟୁବରଣ କରନ୍ତି ଏବଂ ଜୀବିତ ଥିଲେ ମଧ୍ୟ ଦୃଷ୍ଟିଶକ୍ତି ହରାଇଥାନ୍ତି । ମଦରୁ ସରକାର ଅଧିକ ରାଜସ୍ୱ ପାଇଥାନ୍ତି । ଅନ୍ୟ ପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ମଦ ଲାଇସେନ୍ସ ପାଇ ମଦ ବ୍ୟବସାୟୀମାନେ ପ୍ରଚୁର ଲାଭ ଉଠାଇଥାନ୍ତି । ତେଣୁ ବିଷାକ୍ତ ମଦ୍ୟପାନ କରି ଲୋକଙ୍କ ଜୀବନ ଗଲେ ବି ସରକାର କିମ୍ବା ମଦ ବ୍ୟବସାୟୀ ମାନଙ୍କର କିଛି ଖାତିର ନାହିଁ । ଟଙ୍କା ଫିଙ୍ଗି ପ୍ରଶାସନର ମୁହଁ ବଙ୍କା କରିବାର ବାହାନା ସେମାନଙ୍କୁ ଭଲ ରୂପେ ଜଣା । ସେଥିଲାଗି ମୂଳ ମଦରେ ୟୁରିଆ ଭଳି ସାର ମିଶାଇ ଏହାକୁ ଗାଢ ଓ ପ୍ରଚୁର ନିଶାଯୁକ୍ତ କରିବାକୁ ଏହିମାନେ ପଛାଉ ନାହାନ୍ତି । ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନେ ଏହାକୁ ପାନ କରିବା ମାତ୍ରେ ନିଶାସକ୍ତ ହୋଇଯାଆନ୍ତି ଏବଂ ବିଷ ପରିମାଣ ଅଧିକ ଥିବାରୁ ମୃତ୍ୟୁର ଶୀକାର ହୁଅନ୍ତି । ବର୍ତ୍ତମାନ ଅବସ୍ଥା ଏପରି ହୋଇଛି ଯେ, ଚୋରାମଦ ପ୍ରସ୍ତୁତି ଏବେ ସମଗ୍ର ରାଜ୍ୟରେ ଏପରିକି ଦେଶର ବିଭିନ୍ନ ଅଞ୍ଚଳରେ କୁଟୀର ଶିଳ୍ପରେ ପରିଣତ ହୋଇଗଲାଣି ତାହା ଦେଶୀ ହେଉ କିମ୍ବା ବିଦେଶୀ ହେଉ । ଯାହାରି ଫଳରେ ମଦ୍ୟପାନ ଜନିତ ଅପରାଧ ଏବେ ସମଗ୍ର ଦେଶରେ ବଢିଚାଲିଛି । ମଦ ପ୍ରସ୍ତୁତ କରି ବେପାରୀମାନେ ବିଭିନ୍ନ ଉପାୟରେ ଶହ ଶହ ଲିଟର ଚୋରାମଦ ବିଭିନ୍ନ ଅଞ୍ଚଳକୁ ଅବାଧରେ ଚାଲାଣ କରୁଛନ୍ତି ଏବଂ ଗାଁ ଗଣ୍ଡାରେ ଥିବା ଛୋଟ ଛୋଟ ମଦବେପାରୀମାନେ ପ୍ରେତ୍ୟେକ ଦିନ ୨୫ ରୁ ୩୦ ଲିଟରର ମଦ ଧରି ସାଇକେଲରେ ଗାଁଗାଁ ବୁଲି ବିକ୍ରୀ କରୁଛନ୍ତି । ଯାହାରି ଫଳରେ ମଦ ବିକ୍ରୀ ଓ ମଦ୍ୟପୀମାନଙ୍କ ସଂଖ୍ୟା ସର୍ବତ୍ର ବଢିବାରେ ଲାଗିଛି । ଅବକାରୀ, ପୋଲିସ, ପ୍ରଶାସନ ଓ ସରକାର କେବଳ ନୀରବଦ୍ରଷ୍ଟା । କେତେକ ବିଭାଗୀୟ ଅଧିକାରୀଙ୍କ ଜାଣତରେ ରାଜ୍ୟ ଭିତରକୁ, ବାହାର ରାଜ୍ୟରୁ ମଦ ଚୋରାଚାଲାଣ ହୋଇଆସୁଛି । ଏପରିକି ବାହାର ରାଜ୍ୟର ବ୍ୟବସାୟୀମାନେ ବିଭିନ୍ନ ଅଞ୍ଚଳରେ ସେମାନଙ୍କ ମଦର ପସରା ମେଲାଇ କୋଟି କୋଟି ଟଙ୍କା ଲୁଟି ନେଉଥିବା ଅଭିଯୋଗ ମଧ୍ୟ ଆମ ରାଜ୍ୟରେ କମ୍? ନୁହେଁ । ସ୍ୱାଧୀନତା ପରେ ପରେ ନିଶା ନିବାରଣ କାର୍ଯ୍ୟକ୍ରମ ପ୍ରତି ସରକାରଙ୍କର ଯେତିକି ନିଷ୍ଠା ଓ ଆଗ୍ରହ ଥିଲା ସେହିଭଳି ନିଷ୍ଠା ସାଧୀନତାର ପରବର୍ତ୍ତୀ କାଳରେ ଆଉ ଦେଖାଗଲା ନାହିଁ । ଗାନ୍ଧିଜୀଙ୍କର ୧୪ ଦଫା ରଚନାତ୍ମକ କାର୍ଯ୍ୟକ୍ରମ ମଧ୍ୟରେ ନିଶା ନିବାରଣ ପ୍ରଧାନ ସ୍ଥାନ ଅଧିକାର କରିଥିଲା । ଏବେ କିନ୍ତୁ ବିଭିନ୍ନ ରାଜ୍ୟରେ, ସରକାର ଅବକାରୀ ରାଜସ୍ୱ ନିଜର ଏକ ପ୍ରଧାନ ସମ୍ବଳ ରୂପେ ବିବେଚନା କରି ମଦ୍ୟର ପ୍ରସାରକୁ ଏକ ପ୍ରକାର ଉତ୍ସାହିତ କରିବାରେ ଲାଗିଛନ୍ତି । ଦିନ ଥିଲା ସ୍ୱାଧୀନତାର ପରବର୍ତ୍ତୀ କାଳରେ, କ୍ଷମତାସୀନ କଂଗ୍ରେସ ଦଳର ଦେଶବାସୀଙ୍କ ପ୍ରତି ଏକ ନାରା ଥିଲା। ନିଶା ନିବାରଣ ହୋଇବ ଯେବେ, ଦେଶରୁ ଗରିବ ହଟିବ ସେବେ । ତେବେ ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ କଂଗ୍ରେସ ଦଳ ପକ୍ଷରୁ ଦିଆଯାଇଥିବା ସେହି ନାରା ନାରାରେ ହିଁ ରହିଗଲା ଓ ସମଗ୍ର ଦେଶରେ ଗାନ୍ଧିଜୀଙ୍କ ସପ୍ନ ନିଶା ନିବାରଣ ତ ହେଲା ନାହିଁ, ବରଂ ଦେଶରେ ନିଶାର ଅବାଧ ପ୍ରସାର ବେଳକୁ ବେଳ ବୃଦ୍ଧି ପାଇ ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରବଳ ବେଗରେ ଦେଶୀବିଦେଶୀ ମଦର ବହୁଳ ପ୍ରସାର ଘଟି ଦେଶରୁ ଗରୀବ ହଟିବ କଣ ମଦ୍ୟପାନ କରି ଲୋକଟିଏ ସର୍ବସ୍ୱାନ୍ତ ହୋଇ କାଙ୍ଗାଳ ହୋଇ ବୁଲିବା ଦୃଶ୍ୟ ଦେଖିବା ମଧ୍ୟ ଆମ ରାଜ୍ୟ, ଆମ ଦେଶରେ ବିରଳ ନୁହେଁ ।

ନିଶା ନିବାରଣ ସଂପର୍କରେ ଗାନ୍ଧିଜୀ କହିଥିଲେ, "ବରଂ ଏ ଦେଶ କପର୍ଦ୍ଦକ ଶୂନ୍ୟ ହୋଇଯାଉ କିନ୍ତୁ ମଦ୍ୟପୀ ନ ହେଉ" ଗାନ୍ଧିଜୀଙ୍କ ବହୁ ପ୍ରିୟ କାର୍ଯ୍ୟ ମଧ୍ୟରେ ନିଶା ନିବାରଣ ଥିଲା ଅନ୍ୟତମ । ମଦ ଦେଇ ଗରୀବ ଲୋକଙ୍କୁ ଠକିବା ଏବଂ ଏହି ଠକ ବୃତ୍ତି ଦ୍ୱାରା ଉପାର୍ଜିତ ଅର୍ଥରେ ସରକାର ଅଂଶୀଦାର ହେବା ସମାଜବାଦ ନୁହେଁ କିମ୍ବା ସୁଶାସନ ନୁହେଁ । ମଦ୍ୟପାନ ଠାରୁ ମନ୍ଦ ଜିନିଷ କିଛି ନାହିଁ । ସବୁ ଯୁଗରେ ଏହି ମଦ କାରବାରକୁ ନିନ୍ଦିତ ବୋଲି ଗ୍ରହଣ କରାଯାଇଛି । ଲୋକଙ୍କର ଘର ଭାଙ୍ଗିବା ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଅଶାନ୍ତି ଓ ଅପ୍ରୀତିକର ପରିସ୍ଥିତି ଆଜିର ସମାଜରେ ଯେପରି ସଂକ୍ରାମକ ରୋଗ ପରି ବ୍ୟାପିବାରେ ଲାଗିଛି ତାର ଗୋଟିଏ ମାତ୍ର କାରଣ ମଦ । ମଦ୍ୟପ ସ୍ୱାମୀମାନଙ୍କ ଯୋଗୁଁ ହଜାର ହଜାର ସ୍ତ୍ରୀ ଲୋକଙ୍କ ଜୀବନ ଓ ସୁଖ ନଷ୍ଟ ହୋଇଯାଉଛି । ବର୍ତ୍ତମାନ ସମୟରେ ଯେତେ ନାରୀ ଧର୍ଷଣ, ଅପରାଧ ଓ ଦୁର୍ଘଟଣାମାନ ଘଟିଚାଲିଛି ସେଥିପାଇଁ ଏହି ମଦ ହିଁ ବିଶେଷ ଭାବରେ ଦାୟୀ । ନିଶା ନିବାରଣ ହେଉଛି ଏକ ମାତ୍ର ସଂସ୍କାର । ଯାହା ଫଳରେ ଗରିବ ଲୋକଙ୍କର ସାମାଜିକ ଅବସ୍ଥାର ଉନ୍ନତି ଓ ପାରିବାରିକ ସୁଖ ସୁବିଧା ହୋଇପାରିବ । ସ୍ୱାଧୀନତା ପୂର୍ବରୁ ଗାନ୍ଧିଜୀ ସ୍ୱାଧୀନ ଭାରତର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାକାର ହେଲା କି ନାହିଁ ତାହା ଦେଖିବାକୁ ସେ ଜୀବିତ ରହିପାରିଲେ ନାହିଁ । ଭାରତ ସ୍ୱାଧୀନ ହେବାର ମାତ୍ର ୫ ମାସ ପରେ ସେ ମୃତ୍ୟୁବରଣ କଲେ । ସେ ଯଦି କିଛି ବର୍ଷ ବଞ୍ଚାନ୍ତେ ତେବେ ତାଙ୍କର ନିଶା ନିବାରଣ ସ୍ୱପ୍ନର ଆଜିର ରୂପରେଖ ଦେଖି ମୁଣ୍ଡରେ ହାତ ଦେଇ ବସିଥାନ୍ତେ । ଗାନ୍ଧିଜୀଙ୍କ ମହାପ୍ରୟାଣ ପରେ ଗଭୀର ଦୁଃଖ ଓ ପରିତାର ବିଷୟ, ତାଙ୍କ ନିତୀ, ଆଦର୍ଶ, ଲକ୍ଷ୍ୟ ଓ ଗଠନମୂଳକ କାର୍ଯ୍ୟକ୍ରମ ସବୁକିଛିର ଯେ, ଅବକ୍ଷୟ ହେବାରେ ଲାଗିଛି ତାହା ନୁହେଁ ବରଂ ଆଜି ଗାନ୍ଧୀବାଦ ନାମରେ ତାଙ୍କର ନାମ ନେଇ ବିଭିନ୍ନ କ୍ଷେତ୍ରରେ ରୀତିମତ ପ୍ରହସନ କରାଯାଉଛି ଗାନ୍ଧିବାଦ ରହିଛି କେବଳ ଭାଷଣ ଓ କାଗଜ କଲମରେ । ଆଜି ଯେଉଁ ଯୁବ ସମାଜକୁ ଆମେ ଦେଶର ଭବିଷ୍ୟତ ବୋଲି କହୁଛେ ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଆଜି ସୁଲଭ ଓ ସହଜ ଅର୍ଥ ଉପାର୍ଜନ ଲାଗି ଚୋରା ମଦ ପ୍ରସ୍ତୁତି ଓ ବିକ୍ରୀବଟା ଧନ୍ଦାକୁ ଆପଣେଇଥିବା ସର୍ବତ୍ର ଦେଖିବାକୁ ମିଳିଛି । ଏହି ମଦ ଯୋଗୁଁ ଆଜି ଯୁବ ସମାଜ ସଂମ୍ପୂର୍ଣ୍ଣ ପଥଭ୍ରଷ୍ଟ ।

ତଥ୍ୟ ଅନୁଯାୟୀ ଓଡିଶା ସରକାର ୨୦୦୩––୨୦୦୪ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦକୁ ୩୦୦ କୋଟି ଟଙ୍କା ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲା ବେଳେ, ଅବକାରୀ ରାଜସ୍ୱ ଆଦାୟ ହୋଇଥିଲା- ୩୨୬ କୋଟି ୮ ଲକ୍ଷ ଟଙ୍କା ଅର୍ଥାତ୍ ? ଧାର୍ଯ୍ୟଲକ୍ଷ୍ୟ ଠାରୁ ଶତକଡା ୪.୩୨ ବୃଦ୍ଧି । ଧାର୍ଯ୍ୟଲକ୍ଷ୍ୟ ଠାରୁ ଶତକଡା ୨୨,୦୧, ୨୦୦୮––୨୦୦୯ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା ୨୧୦ କୋଟି ଟଙ୍କା, କିନ୍ତୁ ଅବକାରୀ ରାଜସ୍ୱ ଆଦାୟ ହୋଇଥିଲା ସେହିବର୍ଷ ୮୨୨ କୋଟି ୧୨ ଲକ୍ଷ ଟଙ୍କା, ଅର୍ଥାତ୍ ? ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଶତକଡା ୨୬ ଭାଗ ବୃଦ୍ଧି । ସେହିପରି ୨୦୧୩-୧୪ ଆର୍ଥିକ ବର୍ଷରେ ୧୬୮୦ କୋଟି, ୨୦୧୪-୧୫ରେ ୨୦୩୯ କୋଟି, ୨୦୧୫-୧୬ରେ ୨୫୬୮ କୋଟି, ୨୦୧୬-୧୭ରେ ୨୭୮୬ କୋଟି, ୨୦୧୭-୧୮ରେ ୩୨୨୧, ୨୦୧୮-୧୯ରେ ୩୯୨୫ କୋଟି, ୨୦୧୯-୨୦ରେ ୪୪୯୫ କୋଟି, ୨୦୨୦-୨୧ରେ ୪୦୫୩ କୋଟି, ୨୦୨୧-୨୨ରେ ୫୫୨୮ କୋଟି, ୨୦୨୨-୨୩ ଆର୍ଥିକ ବର୍ଷରେ ୬୪୫୫ କୋଟି ଆଦାୟ ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷର ରାଜସ୍ୱ ଆଦାୟ ତଥ୍ୟ ହସ୍ତଗତ ହୋଇନଥିଲେ ମଧ୍ୟ ଏହା ୭ ହଜାର କୋଟିକୁ ବୃଦ୍ଧି ପାଇଥିବା ଅନୁମାନ କରାଯାଇଛି ।

ପ୍ରତିବର୍ଷ ରାଜସ୍ୱ ଆୟ ଯେତେ ପରିମାଣରେ ବୃଦ୍ଧି ପାଉଛି, ସେହି ଅନୁପାତରେ ଆମ ରାଜ୍ୟରେ ମଦୁଆଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଏଣୁ ସରକାର ଜାଣି ସୁଦ୍ଧା କେବଳ ଅବକାରୀ ରାଜସ ବୃଦ୍ଧି ଆଶାରେ ଗୋଟିଏ ପଟରେ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଉଥିବା ବେଳେ ଅନ୍ୟ ପଟରେ ହତ୍ୟାକାଣ୍ଡ, ଗୁଳିକାଣ୍ଡ, ନାରୀଧର୍ଷଣ, ଅତ୍ୟାଚାର ଓ ନାନା ପ୍ରକାର ଚୋରୀ, ଡୟାକତି ଏବଂ ନାନା ପ୍ରକାର ଅସାମାଜିକ କାର୍ଯ୍ୟ କ୍ରମାଗତ ବୃଦ୍ଧି ପାଉଥିଲେ ମଧ୍ୟ ସେଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ । ଏଣୁ ମଦର ପ୍ରସାର ବନ୍ଦ କରିବାକୁ ହେଲେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ହେବ । ତମାଖୁ ସେବନ ସମଗ୍ର ଦେଶରେ ଗୁରୁତର ସମସ୍ୟା ସୃଷ୍ଟି କରିଥିବା ଏପରିକି ୨୦୦୯––୨୦୧୦ ଆର୍ଥିକ ବର୍ଷରେ କେବଳ ତମାଖୁ ସେବନରେ ୨୭୫ ମିଲିୟନ ଲୋକ ଲିପ୍ତ ଥିବା ଏବଂ ୯୦ ପ୍ରତିଶତ ଲୋକ ମୁଖ କର୍କଟରେ ପଡିଥିବା ଯୋଗୁଁ ଭାରତ ସରକାର ସମଗ୍ର ଦେଶରେ ଅର୍ଥାତ୍ ? ଏପର୍ଯ୍ୟନ୍ତ ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଗୁଡିକରେ ତମାଖୁ ଉପରେ ନିଷେଧାଦେଶ ଜାରି କରିଥିବା ସଙ୍ଗେ ସଙ୍ଗେ ତମାଖୁ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଇଦେଇଛନ୍ତି । କିଛି ବର୍ଷ ତମାଖୁ ସେବନ ସମାଜ, ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥା ଉପରେ ଖରାପ ପ୍ରଭାବ ପକାଇ ଆସୁଥିଲା । ତମାଖୁ ଉପରେ ଯଦି କେନ୍ଦ୍ର ସରକାର ସମଗ୍ର ଦେଶରେ ନିଷେଧାଦେଶ ଲାଗି କରି କଡାକଡି ଭାବେ ପାଳନ କରିବା ପାଇଁ ପ୍ରତ୍ୟେକ ରାଜ୍ୟକୁ ନିର୍ଦ୍ଦେଶ ଦେଇପାରିଛନ୍ତି ତେବେ ମଦ ଉତ୍ପାଦନ, ମଦର ବିକ୍ରୀ ଓ ମଦ୍ୟପାନକୁ ରୋକିପାରିବାରେ ପଛଘୁଞ୍ଚା କାହିଁକି ? କେବଳ ଅବକାରୀ ରାଜୟ ପାଇବା ଲକ୍ଷ୍ୟରେ ସରକାର ଏକ ଦେଶ, ଏକ ଜାତି, ଏକ ସମାଜକୁ ଧ୍ୱଂସ କରିଦେବେ ? ଯେକୌଣସି ପ୍ରକାର ନିଶାଦ୍ରବ୍ୟର ପ୍ରଚାରକୁ ନିଷେଧ କରାଯିବା ଉଚିତ । ସିନେମା, ଥିଏଟର, ଇତ୍ୟାଦିରେ ପ୍ରଦର୍ଶନ କରାଯାଉଥିବା ମଦ୍ୟପ ଭୂମିକାକୁ ବାଦ ଦେବା ପାଇଁ ନିୟମ ପ୍ରଣୟନ କରିବାକୁ ହେବ । ବଡ ବଡ ହୋଟେଲ ମାନେ ମଦ୍ୟପାନ ସଂପର୍କରେ ଯେଉଁଭଳି ବୋର୍ଡମାନ ଲଗାଉଛନ୍ତି ସେଥିପାଇଁ ଅନୁମତି ଦେବାକୁ ହେବ ନାହିଁ । ଗୁଜରାଟ ପରି ଆମ ରାଜ୍ୟ ସମେତ ସମଗ୍ର ଦେଶରେ ନିଶାର ପ୍ରସାର ବନ୍ଦ କରି ନିଶାମୁକ୍ତ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର କଠୋର ପଦକ୍ଷେପ ନେବା ଉଚିତ । ନଚେତ୍ ? ଆମ ରାଜ୍ୟରେ, ଆମ ଦେଶରେ, ଯେଉଁପରି ଦୃତଗତିରେ ମଦ ସହ ବିଭିନ୍ନ ନିଶାର ପ୍ରସାର ଘଟିଚାଲିଛି ଆଗାମୀ କିଛି ବର୍ଷ ମଧ୍ୟରେ ଏ ଦେଶ ଏ ଜାତିର ଅବସ୍ଥା ଯଦୁକୂଳ ଧ୍ୱଂସ କିମ୍ବା ରୋମ୍? ସାମ୍ରାଜ୍ୟର ପତ୍ତନ ପରି ଯେ ନହେବ ସେ କଥା କିଏ କହିବ ? ଗାନ୍ଧିଜୀଙ୍କ ମତରେ "ମୁଷ୍ଟିମେୟ କେତେ ଜଣ ସଂକଳ୍ପବଦ୍ଧ ସାଧକ, ଯଦି ସେମାନଙ୍କ ଆଦର୍ଶରେ ଅବିଚଳିତ ବିଶ୍ୱାସ ରଖନ୍ତି, ତାହାହେଲେ ସେମାନେ ଇତିହାସର ମୋଡ ବଦଳାଇ ଦେଇପାରିବେ" ଏଣୁ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ୍ୟ ଗାନ୍ଧିଜୀଙ୍କ ନିଶା ନିବାରଣ ଇଚ୍ଛାକୁ ସମ୍ମାନ ଜଣାଇ ସେହି ଅପୁର୍ଣ ଇଚ୍ଛାକୁ ପୂର୍ଣ୍ଣ କରିବା ସକାଶେ ସରକାରୀ, ବେସରକାରୀ କ୍ଷେତ୍ରରେ ସମସ୍ତେ ଆଗେଇ ଆସିବା ପାଇଁ ସମୟ ଆସି ପହଞ୍ଚିଛି । ତେଣୁ ରାଜ୍ୟ ସରକାର ଦେଶର ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ନଦେଇ କେବଳ ଅଧିକ ରାଜସ୍ୱ ଆଦାୟ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ବିଚାର୍ଯ୍ୟର ବିଷୟ ।

ନବୀନ ଭବନ, ବ୍ରହ୍ମପୁର-୧୦
ମୋ-୯୮୬୧୦ ୧୩୭୮୦

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ



## ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ସଭାପତି ପ୍ରକାଶ ବେହେରାଙ୍କୁ ନିଯୁକ୍ତି

ଭୁବନେଶ୍ୱର,(ପି.ଏନ) : ପାରମ୍ପରିକ ପ୍ରଥା ଅନସାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ପ୍ରତ୍ୟେକ ରାଜ୍ୟରେ ଜଣେ ଜଣେ ଯୁବ ସଭାପତି ନେତୃତ୍ୱ ନିଅନ୍ତି ଏବଂ ତାଙ୍କ ନେତୃତ୍ୱରେ ଯୁବ ବାହିନି କାର୍ଯ୍ୟକରନ୍ତି। ଓଡ଼ିଶା ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଶାଖାର ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ ଉଦୟମାନ ଯୁବକ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ରାଜ୍ୟର ସଭାପତି ଭାବେ କାର୍ଯ୍ୟଭାର ତୁଲାଇବା ପାଇଁ ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରକାଶ ଚନ୍ଦ୍ର ବେହେରା ଏକାଧାରରେ ନାଲ୍‌କୋର ଜଣେ ପ୍ରତିଷ୍ଠିତ କୁଶଳୀ କର୍ମଚାରୀ ତଥା ନାଲ୍‌କୋ ଏମ୍ପ୍ଲୋଇଜ ସଂଘର ସମ୍ପାଦକ। ସେ ମଧ୍ୟ ଜିଲ୍ଲା ସ୍ତରରେ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଅଛନ୍ତି। ପ୍ରକାଶ ବେହେରାଙ୍କ ନିଯୁକ୍ତିରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସମସ୍ତ ଯୁବ ଏବଂ ରାଜ୍ୟ ପଦାଧିକାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି ଏବଂ ଆଗାମୀ ଦିନରେ ତାଙ୍କ ନେତୃତ୍ୱରେ ଯୁବ ବାହିନି ସକ୍ରାରତ୍ମକ କାର୍ଯ୍ୟ କରିବା ପାଇଁ ଆଶା ପୋଷଣ କରିଛନ୍ତି।

## ଜମ୍ମୁକାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ପାଇଁ ପିସିସି ପକ୍ଷରୁ ଶୋକ

ଭୁବନେଶ୍ୱର(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ ନବ ଗଠିତ ରାଜନୈତିକ ବ୍ୟାପାର କମିଟିର ପ୍ରଥମ ବୈଠକ ପୂର୍ବ ନିର୍ଦ୍ଧାରଣ ଅନୁଯାୟୀ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାର ଥିଲା କିଂ ଜମ୍ମୁ କାଶ୍ମୀରର ପହଲଗାମରେ ଗତକାଲି ଆତଙ୍କବାଦୀ ଘଟଣାକୁ ନେଇ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ସଭାପତିତ୍ୱରେ ଆଜି କେବଳ ଶୋକ ପ୍ରସ୍ତାବ ଆଗତ କରାଯାଇ ଆଜିର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଉକ୍ତ ଶୋକପ୍ରସ୍ତାବକୁ ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ ଆଗତ କରିଥିବା ବେଳେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡାମ ଏହାକୁ ସମର୍ଥନ କରିଥିଲେ। ଗତକାଲି ଜାମ୍ମୁ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ଯେଉଁଭଳି ଭାବରେ ନିରୀହ ପର୍ଯ୍ୟଟକମାନଙ୍କୁ ବର୍ବୋରଚିତ ହତ୍ୟା କରାଗଲା ତାହା ଦୁର୍ଭଗ୍ୟଜନକ। ଏହା ସାଧାରଣ ହତ୍ୟାକାଣ୍ଡ ନୁହେଁ ଦେଶର ସୁରକ୍ଷାପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତ ପକ୍ଷରୁ ଏହାର କଡା ଜବାବ ଦେବା ନିହାତି ଆବଶ୍ୟକ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆତଙ୍କବାଦୀ ଆକ୍ରମଣରେ ଅକାଳରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ଶାଂି ପାଇଁ ଶ୍ରଦ୍ଧାଳି ଅର୍ପଣ କରାଯିବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ। ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ନିରନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ,ଶ୍ରୀକା' ଜେନା, ଅନ' ପ୍ରସାଦ ସେଠୀ, ପିସିସି ସହପ୍ରଭାରୀ ରୋଜାଲିନ ତିର୍କୀ ଓ ଶାହନଓ୍ୱାଜ ଚୌଧୁରୀ, ନଗେନ୍ଦ୍ର ପ୍ରଧାନ, ଜଗନ୍ନାଥ ପଟ୍ଟନାୟକ, ଅମର ନାଥ ପ୍ରଧାନ, ସୁଶିଳା ତିରିଆ, ରାମଚନ୍ଦ୍ର ଖୁଂଟିଆ, ଶରତ ରାଉତ, ତାରାପ୍ରସାଦ ବାହିନୀପତି, ସି.ଏସ. ରାଜନ ଏକ୍କା, ମହମ୍ମଦ ମୋକିମ, ବିଶ୍ୱରନ ମହାଂ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମିନାକ୍ଷୀ ବାହିନୀପତି, ସସ୍ମିତା ବେହେରା, ରଣଜିତ ପାତ୍ର, ଉଦିତ ପ୍ରଧାନ ଙ୍କ ସମେତ କଂଗ୍ରେସ ଦଳର ଅନେକ ବରିଷ୍ଠ ନେତା ଶ୍ରଦ୍ଧାଳି ଅର୍ପଣ କରିଥିଲେ।

## ସାଇବର ନିୟମ ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ

ତିର୍ତ୍ତୋଲ,(ପି ଏନ)ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଆଦିକବି ସରଳା ଦାସ ସ୍ନାତକ ମହାବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସାଇବର ନିୟମ ଓ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ମମତା ରାଉତ, ସାମାଜିକବିଜ୍ଞାନ ବିଭାଗର ମୁଖ୍ୟ ମନୋଜ କୁମାର ସ୍ୱାଇଁ, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଦୀପକ କୁମାର ସିଂ, ରସାୟନ ବିଜ୍ଞାନ ଅଧ୍ୟାପକ ସରୋଜ କୁମାର ଶାନ୍ତି, ରାଜନୀତି ବିଜ୍ଞାନ ଅଧ୍ୟାପକ ଦୀପକ କୁମାର ରାଉତ, ପାରା ଲିଗାଲ ସ୍ୱ ?ଚ୍ଛାସେବୀ କବିତା ସେଠୀ, ଜିଲ୍ଲା ପୁଲିସର ସାଇବର ବିଶେଷଜ୍ଞ ଶୁଭ୍ରଜିତ ଦାସ, ମଧୁ ସୂଦନ ସାହୁ, ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶ୍ରୀମତୀ ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସାଇବର ଆଇନ ଏକ



ଗୁରୁତ୍ୱପୂର୍ଣ୍ଣ ଆଇନ ଯାହା ଦ୍ୱାରା ସମସ୍ତ ପ୍ରକାରର ସାଇବର ଅପରାଧକୁ ନିୟନ୍ତ୍ରଣ କରାଯାଇ ପାରିବ। ଏହି ଆଇନରେ ଡିଜିଟାଲ କ୍ଷେତ୍ର ସହିତ ଜଡିତ ବିଭିନ୍ନ ଆଇନଗତ ସମସ୍ୟା ଯେପରିକି ସାଇବର ଅପରାଧ, ଇ-କମର୍ସ, ତଥ୍ୟ ଗୋପନୀୟତା ଏବଂ କୃତ୍ରିମ ବୁଦ୍ଧିମତା ଅନ୍ତର୍ଭୁକ୍ତ । ସାମାଜିକ ଗଣମାଧ୍ୟମ ଯଥା ଫେସବୁକ, ଓ୍ୱାଟସଅପ୍, ଇନଷ୍ଟାଗ୍ରାମ, ଏକ୍ସ ଇତ୍ୟାଦି କିପରି ସୁରକ୍ଷିତ ଭାବେ ବ୍ୟବହାର କରିହେବ ଏହି ବିଷୟରେ ସଚିବ ସଚେତନ କରିଥିଲେ । ଏହା ସହ ଅତିତରେ ଘଟିଥିବା କିଛି ସାଇବର ଅପରାଧ ବିଷୟରେ ଆଲୋଚନା କରି ସାଇବର ମାମାଲା ଅଦାଲତରେ କିପରି ପରିଚାଳନା କରାଯାଏ ଏବଂ ସାଇବର ଅପରାଧୀଙ୍କ ପାଇଁ ଥିବା ଦଣ୍ଡ ବିଧାନ ସମ୍ପର୍କରେ ମଧ୍ୟ ସଚିବ ଆଲୋଚନା କରିଥିଲେ । ସାଇବର ବିଶେଷଜ୍ଞ ଶ୍ରୀ ଦାସ ଓ ଶ୍ରୀ ସାହୁ କହିଥିଲେ ଯେ ସାଇବର ଆଇନ ଅନୁଯାଇ ବିଭିନ୍ନ ପ୍ରକାରର ସାଇବର ଠକେଇ ଅନ୍ତର୍ଭୁକତ । ଯୁବପିଢ଼ିଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମର ବ୍ୟବହାର ଏକ ଧାରାରେ ପରିଣତ ହୋଇଯାଇଛି । ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରିବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ । ନିଜର ବ୍ୟକ୍ତିଗତ ତଥ୍ୟ କୌଣସି ଅଜଣା ବ୍ୟକ୍ତିଙ୍କୁ ଅନଲାଇନ ମାଧ୍ୟମରେ ନଜଣାଇବା ଓ ସାମାଜିକ ଗଣମାଧ୍ୟମରେ ଯୋଗାଯୋଗ ନମ୍ବର, ଠିକଣା, ଜନ୍ମ ତାରିଖ, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଇତ୍ୟାଦି ପୋଷ୍ଟ କରିବା ଅନୁଚିତ । ପ୍ରତେକ ସମୟରେ ଜଟିଳ ପାସୱାର୍ଡ ଦେବା ଓ ସାର୍ବଜନୀନ ସ୍ଥାନରେ ଦିଆଯାଇଥିବା ନିଶୁଳ୍କ ଓ୍ୱାଇ- ଫାଇ ସେବା ବ୍ୟବହାର କରିବା ସମୟରେ କୌଣସି ବ୍ୟାଙ୍କିଙ୍ଗ କାର୍ଯ୍ୟ ନକରିବା ଉଚିତ । ଅଜଣା ନୁମ୍ବରରୁ ଲୋନ, ଲଟେରୀ, ଚାକିରି ଏବଂ ପୁରସ୍କାର ସମ୍ବନ୍ଧୀୟ ମେସେଜ ବା ଫୋନ କଲ୍ ଆସୁଥିଲେ ତାକୁ ଅନାଦେଖା କରିବା । ଏଟିଏମ ନମ୍ବର, ପିନ, ଜନ୍ମ ତାରିଖ ଇତ୍ୟାଦି ଫୋନ ମାଧ୍ୟମରେ କାହାକୁ ନଦେବା ଏବଂ ଅନଲାଇନ ଗେମ୍ ମାଧ୍ୟମରେ ଟଙ୍କା ନିବେଶ କରିବା ଅନୁଚିତ । ଯଦି ସାମାଜିକ ଗଣମାଧ୍ୟମରେ କିଛି ଅସାମାଜିକ ଯୁବତୀ ଭିଡିଓ କଲ କରନ୍ତି ଏବଂ ସେମାନଙ୍କର ନଗ୍ନ ଫଟୋ ଦେଖାଇ ଟଙ୍କା ମାଗନ୍ତି। ତେବେ ତୁରନ୍ତ ଥାନାରେ ଜଣାଇବା ଉଚିତ । କିଛି ସାଇବର ଲୁଟେରା ପୁଲିସ, କଷ୍ଟମ କିମ୍ବା ସିବିଆଇ ଅଧିକାରୀ ଭାବେ ନିଜକୁ ପରିଚୟ ଦେଇ ଅନଲାଇନ ଭିଡିଓ କଲ ବା ମେସେଜ ମାଧ୍ୟମରେ "ଡିଜିଟାଲ ଆରେଷ୍ଟ" ପରି ଶବ୍ଦ ବ୍ୟବହାର କରି ଟଙ୍କା ମାଗନ୍ତି ତାହାହେଲେ ବିଚଳିତ ନହୋଇ ନିକଟସ୍ଥ ଥାନାରେ ତୁରନ୍ତ ରିପୋଟ କରିବାପାଇଁ ସାଇବର ବିଶେଷଜ୍ଞ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ସାମାଜିକବିଜ୍ଞାନ ବିଭାଗର ମୁଖ୍ୟ ଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ-୨୦୨୫ ଘୋଷଣାକୁ ବିଶ୍ୱର ଏକ ନମ୍ବର ସମବାୟ ସଂସ୍ଥା ଇଫକୋ ର ସ୍ୱାଗତ

ପାରାଦୀପ,(ପି.ଏନ): ଗତ ମାର୍ଚ୍ଚ ୨୬ ରେ ଲୋକସଭା ରେ ଆଗତ ଓ ଗୃହୀତ 'ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ-୨୦୨୫ କୁ ବିଶ୍ୱର ଏକ ନମ୍ବର ସମବାୟ ସଂସ୍ଥା ଇଫକୋ ପକ୍ଷରୁ ସ୍ୱାଗତ କରାଯାଇଛି । ଏହି ଅବସରରେ କେନ୍ଦ୍ର ଗୃହ ଓ ସମବାୟ ବିଭାଗ ମନ୍ତ୍ରୀ ଅମିତ ଶାହା କହିଥିଲେ ଯେ ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ଦେଶ ତାର ପ୍ରଥମ ସମବାୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିପାରିଛି । ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ଗ୍ରାମୀଣ ଅର୍ଥ ବ୍ୟବସ୍ଥା ସୁଦୃଢ଼ୀକରଣ, ଲଘୁ ଉଦ୍ୟୋଗ ର ବିକାଶ, ନିଯୁକ୍ତି ସୁଯୋଗ, ଗବେଷଣା ତଥା ଆନୁସଙ୍ଗିକ ବ୍ୟବସ୍ଥା ର ନବୀକରଣ ସମେତ ସମଗ୍ର ଦେଶ ଏକ ନୂତନ ସମବାୟ ନେତୃତ୍ୱ ଓ ଆଧୁନିକ ଶିକ୍ଷା ନୀତି ପାଇପାରିବ ବୋଲି ଶ୍ରୀ ଶାହା ଉଲ୍ଲେଖ କରିଥିଲେ । ଏହି ପରିପ୍ରେକ୍ଷୀରେ ଇଫକୋ ପରିଚାଳନା ନିର୍ଦ୍ଦେଶକ ଡ଼ଃ. ଉଦୟ ଶଙ୍କର ଅଓ୍ୱସ୍ତି ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପଦକ୍ଷେପ କୁ ପ୍ରଶଂସା କରି ଏହା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି ।

## ଡି. ଏ. ଭି. ପବ୍ଲିକ୍ ସ୍କୁଲ ପିପିଏଲ ପରିସରରେ ୱାର୍ଲ୍ଡ ବୁକ୍ ଆଣ୍ଡ କପି ରାଇଟ ଦିବସ ପାଳିତ

ପାରାଦୀପ,(ପି.ଏନ): ପିପିଏଲ ଡି.ଏ.ଭି. ସ୍କୁଲ ପରିସରରେ ବୁଧବାର ଦିନ ଓ୍ୱାଲ୍ଡ ବୁକ୍ ଆଣ୍ଡ କପି ରାଇଟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଲେଖକ ଓ ଲେଖିକା ପ୍ରଶାନ୍ତ କୁମାର କାଠ ଓ ଶ୍ରୀମତି ଶର୍ମିଷ୍ଠା ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ସଂଜୀବ କୁମାର ସାହୁ ପୁସ୍ତକର ଗୁରୁତ୍ୱ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ଶ୍ରୀ କାଠ ତାଙ୍କ ଭାଷଣରେ ପିତାମାତା ଓ ଗୁରୁଜନ ମାନଙ୍କୁ ସର୍ବଦା ସମ୍ମାନ ଦେବା ସହ ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭବ ତୁଳନାରେ କବିତା ଓ କାବ୍ୟର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଲେଖିକା ଶ୍ରୀମତି ମହାନ୍ତି କିଶୋର ବୟସରେ ପିଲାମାନଙ୍କୁ ସାହିତ୍ୟ ମାଧ୍ୟମରେ ଶତପଥରେ ପରିଚାଳିତ କରିବା ପାଇଁ ନିଜ ବକ୍ତବ୍ୟରେ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଆହାନ ବିସ୍ମିତ ଲେଙ୍କା ବକ୍ତବ୍ୟ ପ୍ରତିପାଦନ କରିବା ସହ ଛାତ୍ରୀ ଆନାହିକା ବର୍ମା ଏକ ସୁନ୍ଦର କବିତା ଉପସ୍ଥାପନା କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସୌମ୍ୟାଶ୍ରୀ ଦାଶ , ପ୍ରେରଣା ଦାସ ଓ ମନୀଷା ମହାରଣା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଶେଷରେ ବିଦ୍ୟାଳୟର ତତ୍ତ୍ୱାବଧାରକ ବୃନ୍ଦାବନ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ । ଡି. ଏ. ଭି. ବିଦ୍ୟାଳୟ ସମୁହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଓ ଆଞ୍ଚଳିକ ଅଧିକାରୀ ଡ. ସୁଜାତା ସାହୁ ସନ୍ତୋଷ ବ୍ୟକ୍ତ କରି ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

## ଯୌତୁକ ନିର୍ଯ୍ୟାତନା ମାମଲା : ଦୋଷୀକୁ ସାଢେ ୩ବର୍ଷ ଜେଲଦଣ୍ଡାଦେଶ

କେନ୍ଦ୍ରାପଡ଼ା,(ପି.ଏନ): ଏକ ଯୌତୁକ ଜନିତ ନିର୍ଯ୍ୟାତନା ମାମଲାର ବିଚାର କରି କେନ୍ଦ୍ରାପଡା ଆଡହକ ଫାଷ୍ଟଟ୍ରାକ କୋର୍ଟ ଜଜ ତ୍ରିବିକ୍ରମ କେଶରୀ ଚିନ୍ନାରା ଅଭିଯୁକ୍ତ ରାଜକନିକା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ଅଜୟ କୁମାର ନାଥକୁ ସାଢେ ତିନି ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଦୋଷୀକୁ ୧୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଦୋଷୀକୁ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ହରପ୍ରିୟା ନାଥ ସେହି ଗ୍ରାମର ଅଜୟ ନାଥଙ୍କୁ ଗତ ୨୦୧୭ ମସିହା ନଭେମ୍ବର ମାସ ୨୫ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। କିନ୍ତୁ ବିବାହ ପରେ ଅଜୟ ହରପ୍ରିୟାଙ୍କ ଉପରେ ନିର୍ଯ୍ୟାତନା ଆରମ୍ଭ କରିଦେଇଥିଲେ। ଅଜୟଙ୍କର ଅନ୍ୟ ଜଣେ ଯୁବତୀଙ୍କ ସହ ଅନୈତିକ ସମ୍ପର୍କ ଥିବା ହରପ୍ରିୟା ଜାଣିବାକୁ ପାଇଥିଲେ। ସ୍ୱାମୀଙ୍କର ଏତାଦୃଶ କାର୍ଯ୍ୟକୁ ହରପ୍ରିୟା ବିରୋଧ କରିବାରୁ ତାଙ୍କ ଉପରେ ମାନସିକ ଓ ଶାରିରିକ ନିର୍ଯ୍ୟାତନା ଆରମ୍ଭ ହୋଇଯାଇଥିଲା। ଏଥିସହିତ ଅଜୟ ତା'ର ଜଣେ ସାଙ୍ଗକୁ ଘରକୁ ଡାକି ତା'ସହ ଅନୈତିକ ସମ୍ପର୍କ ରଖିବାକୁ ପତ୍ନୀ ହରପ୍ରିୟାକୁ ବାଧ କରିଥିଲେ। ଏନେଇ ହରପ୍ରିୟା ଆଇନର ଆଶ୍ରୟ ନେଇଥିଲେ। ଏହି ମାମଲାର ବିଚାର କରି କେନ୍ଦ୍ରାପଡା ଆଡହକ ଫାଷ୍ଟଟ୍ରାକ କୋର୍ଟ ଜଜ ଶ୍ରୀ ଚିନ୍ନାରା ଉପରୋକ୍ତ ରାୟ ଦେଇଛନ୍ତି। ଅଦାଲତରେ ସରକାରୀ ଓକିଲ ସଞ୍ଜୀୟ କୁମାର ଜେନା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

## ସୁନ୍ଦର ଧରିତ୍ରୀ ପାଇଁ ବ୍ୟାପକ ବୃକ୍ଷରୋପଣ ଆଜିର ମୌଳିକ ଆବଶ୍ୟକତା: ବିଧାୟକ ଶାରଦା ପ୍ରଧାନ

ମାହାଙ୍ଗା,(ପି.ଏନ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ କଟରପଡାସ୍ଥ ସେ ଜାଭିୟର ହାଇସ୍କୁଲ ଆନୁକୂଲ୍ୟରେ ବିଶ୍ୱ ଧରିତ୍ରୀ ଦିବସ ୨୦୨୫ ପାଳିତ ହୋଇଅଛି । ବିଦ୍ୟାଳୟର ସଂପାଦକ ସ୍ମୃତିରଂଜନ ରାଉତରାୟଙ୍କ ସଂଯୋଜନାକ୍ରମେ ଉଦ୍‌ଘାଟକ ଭାବେ ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଜୈବ ବିବିଧତାର ସଂରକ୍ଷଣ ସହ ବ୍ୟାପକ ବୃକ୍ଷ ରୋପଣ ଆଜିର ମୌଳିକ ଆବଶ୍ୟକତା ବୋଲି ମତ ରଖିଥିଲେ । ବିଦ୍ୟାଳୟର ଅଧକ୍ଷ ଗୋପବନ୍ଧୁ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା ସହକାରୀ ବନ୍ୟ ସଂରକ୍ଷକ ସନ୍ତୋଷ କୁମାର ପତି ଯୋଗଦାନ କରି ଜଳବାୟୁ ପରିବ ର୍ନ, ବିଶ୍ୱ ତାପମାତ୍ରା, ପ୍ରଦୂଷଣ, ହ୍ରାସ ପରି ପୃଥିବୀ ସହ ଜଡିତ ସୁସ୍ଥ ପରିବେଶ ସୃଷ୍ଟି କରି ଧରିତ୍ରୀମାତା ପ୍ରତି ସମସ୍ତଙ୍କର ତ୍ୟାଗ ଓ ସମର୍ପଣ ଏକାନ୍ତ ଜରୁରୀ ବୋଲି ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ଓଡିଶା ସରକାରଙ୍କ ଗ୍ରାମ ଉନ୍ନୟନ ଓ ପଂଚାୟତରାଜ ବିଭାଗ ସ୍ୱତନ୍ତ୍ର ପ୍ରଶିକ୍ଷକ ପରିବେଶବିତ୍ ପ୍ରମୋଦ କୁମାର ଦାଶ ଯୋଗଦାନ କରି ବାୟୁ ପ୍ରଦୂଷଣ, ରାସାୟନିକ ଓ ବିଦ୍ୟୁତ



ବ୍ୟବହାର ହ୍ରାସ ପୂର୍ବକ ଜଳସଂରକ୍ଷଣ ଏବଂ ବର୍ଜ୍ୟବସ୍ତୁର ପରିଚାଳନା ସଠିକ୍ ଭାବରେ କରାଇବା ପାଇଁ ମତ ରଖିଥିଲେ । ବିଶିଷ୍ଟ ଅତିଥି ଭାବେ ବରଗଡ ଜିଲ୍ଲାର ସୁନାମ ଧନ୍ୟ ସମାଜସେବୀ ଡ. ଅରୂପାନନ୍ଦ ସାହୁ, ସମ୍ମାନୀତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସେ ଜନ୍ ଆମ୍ବୁଲାନ୍ସ ଓ ଇଣ୍ଡିଆନ୍ ରେଡକ୍ରସ ସୋସାଇଟ୍‌ର ପରୀକ୍ଷକ ଡାକ୍ତର ବିକ୍ରମ କେଶରୀ ମହାନ୍ତି, ଆସ୍ଥା ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ପ୍ରମିଳା ନାୟକ, ସମାଜସେବୀ ପିତାମ୍ବର ମହାନ୍ତି, କଟରପଡା ସମିତି ସଦସ୍ୟା ସ୍ୱାଗତିକା ନାୟକ ପ୍ରମୁଖ ଯୋଗଦାନ କରି ବିଶ୍ୱ ଧରିତ୍ରୀ ଦିବସର ବିଭିନ୍ନ ସକରାତ୍ମକ ଦିଗ ସମ୍ବନ୍ଧରେ ଆଲୋଚନା ରଖିଥିଲେ । ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ବସ୍ତ୍ର, ପୁଷ୍ପ, ଦୀପ ଓ ଶ୍ରୀଫଳ ପ୍ରଦାନ ପୂର୍ବକ ଧରିତ୍ରୀମାତା ଓ ବୃକ୍ଷପୂଜନ ସହ ବୃକ୍ଷରୋପଣ କରାଯାଇଥିଲା । ବିଦ୍ୟାଳୟର ଉପାଧ୍ୟକ୍ଷ ବିରଜା ପ୍ରସାଦ ମିଶ୍ରଙ୍କ ଅତିଥି ପରିଚୟ ପରେ ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହି ଅବସରରେ ଶିକ୍ଷୟତ୍ରୀ ବିନତୀ ଶତପଥିଙ୍କ ନିର୍ଦ୍ଦେଶନାକ୍ରମେ ପରିବେଶ ଓ ଧରିତ୍ରୀମାତାର ସମ୍ବର୍ଦ୍ଧନା ଓ ସଚେତନତା ସମ୍ବନ୍ଧୀୟ ଚିତାକର୍ଷକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା । ପରେ ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା 'ପୃଥିବୀମାତା ପ୍ରତି ଆମ୍ଭମାନଙ୍କ କର୍ତ୍ତବ୍ୟ' ସମ୍ବନ୍ଧୀୟ ନୃତ୍ୟାଭିନୟ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଯୋଗମାୟା ପଣ୍ଡା, ରଂଜୁଲତା ବେହେରା, ପ୍ରଭାସିନୀ ସ୍ୱାଇଁ, ରଶ୍ମିରଂଜିତା ସ୍ୱାଇଁ, ପ୍ରିୟଦର୍ଶିନୀ ମହାପାତ୍ର, ସୁଶ୍ରୀ ସ୍ନିଗ୍ଧାଞ୍ଜଳୀ, ଡଲିରାଣୀ ସିଂହ, ମାନସୀ ନାୟକ, ମୋନାଲିସା ନାୟକ, ପ୍ରିୟଙ୍କା ସାମଲ, ରଶ୍ମିତା ସାହୁ, ଅନୁପମା ଶତପଥି, ମୋନାଲି ତ୍ରିପାଠୀ, ନିବେଦିତା ପ୍ରଧାନ, ଶାସ୍ୱତୀ ବେହେରା, ସୁପ୍ରିୟା ମହାନ୍ତି, ସରୋଜିନୀ ରାଉତ, ସଂଯୁକ୍ତା ସାହୁ, ସ୍ୱର୍ଣ୍ଣଲତା ସାହୁ, ବିନ୍ଦୁଶ୍ରୀ ପରିଜା, ସ୍ମୃତି ଭାରତୀ ପ୍ରିୟଦର୍ଶିନୀ , ନମିତା ସାମଲ, ଲିଲି ମହାନ୍ତି, ଉପାସନା ପରିଜା, ଫର୍ଣ୍ଣାଜ ଅଲୀ, ମାନସ କୁମାର ରାଉତ, ଜୟପ୍ରକାଶ ରାଉତ, ତୃପ୍ତିରଂଜନ ସାହୁ ଓ ଦେବାଶିଷ ଦାସ ପ୍ରମୁକ ସକ୍ରିୟ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ , ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ବହୁ ସଂଖ୍ୟାରେ ବୁଦ୍ଧିଜୀବୀମାନେ ଯୋଗଦାନ କରିଥିଲେ । ଶେଷରେ ଶିକ୍ଷକ ଜଗଦୀଶ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray